# ବିଧାନସଭା ଆଗରେ ଗର୍ଜିଲେ ଆଶାକର୍ମୀ




ଭୁବନେଶ୍ୱର, ୯।୩ (ସମିସ): ବିଭିନ୍ନ ଦାବି ନେଇ ଆଜି ବିଧାନସଭା ସାମ୍ନାରେ ଆଶାକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ଥାୟୀ ନିଯୁକ୍ତି ପ୍ରଦାନ, ଏଏନ୍ଏମ୍ ପଦବୀର ୫୦ପ୍ରତିଶତ ଆଶାକର୍ମୀମାନଙ୍କ ପାଇଁ ସଂରକ୍ଷଣ, ସପ୍ତମ ବେତନ ଆଧାରରେ ସର୍ବନିମ୍ନ ମଜୁରି ୧୮ ହଜାର ଟଙ୍କା ପ୍ରଦାନ, ଅବସରକାଳୀନ ଆର୍ଥିକ ସହାୟତା ୫ଲକ୍ଷ ଟଙ୍କା ପ୍ରଦାନ, ପେନସନ୍ ସ୍କିମ୍ ଲାଗୁ, ମୃତ୍ୟୁକାଳୀନ ସହାୟତା ୫ଲକ୍ଷ ପ୍ରଦାନ ତଥା ପରିବାରର ଜଣଙ୍କୁ ଆଶାକର୍ମୀ ଭାବେ ନିଯୁକ୍ତି ପ୍ରଦାନ, ଅବସର ବୟସସୀମା ୬୫ ବର୍ଷକୁ ବୃଦ୍ଧି ଆଦି ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ସହଯୋଗିତ ଅଲ୍ ଓଡ଼ିଶା ଆଶାକର୍ମୀ ସାମ୍ମୁଖ୍ୟ ପକ୍ଷରୁ ଏକ ବିଶାଳ ସମାବେଶ ଆୟୋଜନ ହୋଇଥିଲା। ସମାବେଶରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଆଶାକର୍ମୀ ଯୋଗଦେଇ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ୧୦ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ବିଜୁ ଶ୍ରମିକ ସାମ୍ମୁଖ୍ୟର ମହାସଚିବ ତଥା କଟକ ମେୟର ସୁବାସ ସିଂହ ଏଥିରେ ଯୋଗଦେଇ ଆଶା ମା' ମାନଙ୍କ ଦାବିଗୁଡ଼ିକ ଯଥାର୍ଥ ଓ ଏହାକୁ ଶୀଘ୍ର ପୂରଣ କରିବା ଦିଗରେ ରାଜ୍ୟ ସରକାର ଉଚିତ ପଦକ୍ଷେପ ନେବା ନିତାନ୍ତ ଜରୁରୀ ବୋଲି କହିଥିଲେ। ଶୀଘ୍ର ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସାମ୍ମୁଖ୍ୟ ପକ୍ଷରୁ ଚେତାବନୀ ଦିଆଯାଇଛି। ସାମ୍ମୁଖ୍ୟର ଭୁବନେଶ୍ୱର ସଭାପତି ନବ ମହାନ୍ତି, ଆଶାକର୍ମୀ ସାମ୍ମୁଖ୍ୟର ରାଜ୍ୟ ସଭାନେତ୍ରୀ ମମତା ଦାଶ, କାର୍ଯ୍ୟକାରୀ ସଭାନେତ୍ରୀ ପଙ୍କଜିନୀ ନାୟକ, ସାଧାରଣ ସମ୍ପାଦିକା ରୀତା ବେହେରା ଓ ରାଜ୍ୟ ସଂଯୋଜକ ନିରଞ୍ଜନ ପାତ୍ର, ପ୍ରଦୀପ ନାୟକ, ପଦ୍ମନ୍ ସାମଲ, ଯୋଗେନ୍ଦ୍ର ସ୍ୱାଇଁ ପ୍ରମୁଖ ଏହି ବିକ୍ଷୋଭରେ ନେତୃତ୍ୱ ନେଇଥିଲେ।

**ସାଇବର୍ ଅପରାଧ ତଦନ୍ତରେ ବ୍ୟାଙ୍କ ଆକାଉଣ୍ଟ ସମ୍ପୂର୍ଣ୍ଣ ଅଚଳ କରାଯିବା ପ୍ରସଙ୍ଗ**

# ଗୃହ ମନ୍ତ୍ରଣାଳୟ ଏସ୍ଓପି ଆଣିବା ଉପରେ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

କଟକ, ୯।୩ (ସମିସ): ସାଇବର୍ ଅପରାଧ ତଦନ୍ତ ସମୟରେ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଫ୍ରିଜ୍ କରିଦେବା ଦ୍ୱାରା ନିର୍ଦ୍ଦୋଷ ବ୍ୟକ୍ତି ଓ ବ୍ୟବସାୟୀମାନେ ଭୋଗୁଥିବା ସମସ୍ୟାକୁ ନେଇ ଓଡ଼ିଶା ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯଦି କୌଣସି ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ସନ୍ଦେହଜନକ ଥାଏ, ତେବେ କେବଳ ସେତିକି ଟଙ୍କା ଉପରେ ପ୍ରତିବନ୍ଧକ ଲଗାଯାଇପାରିବ। କିନ୍ତୁ, ସମ୍ପୂର୍ଣ୍ଣ ଆକାଉଣ୍ଟକୁ ଅଚଳ କରିଦେବା ଅନୁଚିତ ଓ ଯୁକ୍ତିସଙ୍ଗତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ପରାମର୍ଶ କରି ସମାନ ନୀତି ପ୍ରଣୟନ ସହ ଏକ ଏସ୍ଓପି ଏବଂ ନିର୍ଦ୍ଦେଶାବଳୀ ଜାରି କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଅଦାଲତ ପ୍ରକାଶିତ ରାୟରେ ଉଲ୍ଲେଖ କରି କହିଛନ୍ତି ଯେ, ବାରମ୍ବାର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ସମ୍ପର୍କିତ ମାମଲା କୋର୍ଟକୁ ଆସୁଥିବାରୁ କେନ୍ଦ୍ର ସରକାର ଏହି ବିଷୟରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବା ଉଚିତ। ଅଭିଯୋଗକାରୀଙ୍କ ସ୍ୱାର୍ଥ ଏବଂ ଜଣେ ନିର୍ଦ୍ଦୋଷ ବ୍ୟାଙ୍କ ଖାତାଧାରୀଙ୍କ ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରାଯିବା ସହ ପୁଲିସ୍ ଯେପରି ଏହି ମାମଲାଗୁଡ଼ିକୁ ସମ୍ବେଦନଶୀଳ ଭାବେ ପରିଚାଳନା କରିବ, ସେଥିପାଇଁ ସ୍ପଷ୍ଟ ଗାଇଡ୍‌ଲାଇନ୍ ରହିବା ଆବଶ୍ୟକ। ସେହିଭଳି, ଜଣେ ବ୍ୟକ୍ତି କୌଣସି ଅପରାଧ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥାଇ କିମ୍ବା ନିର୍ଦ୍ଦୋଷ ହୋଇ ମଧ୍ୟ ଯେପରି ନିଜର ବ୍ୟାଙ୍କ ଆକାଉଣ୍ଟ ଅଚଳ ଯୋଗୁଁ ଅଯଥା କଷ୍ଟ ନପାଆନ୍ତି, ତାହାକୁ ସୁନିଶ୍ଚିତ କରିବା ଉଚିତ ବୋଲି କହିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ, ଗଜପତି ଜିଲ୍ଲାର ଏକ ଗ୍ୟାସ୍ ବିତରକ ସଂସ୍ଥା 'ମେସର୍ସ ସାଇରାମ ଭାରତ ଗ୍ୟାସ୍'ର ବ୍ୟାଙ୍କ ଆକାଉଣ୍ଟକୁ ଏକ ସାଇବର ଅପରାଧ ମାମଲାରେ କେରଳ ସାଇବର ପୁଲିସ୍ ଫ୍ରିଜ୍ କରିବା ମାମଲାର ଶୁଣାଣି କରି ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ କରିଛନ୍ତି। ବ୍ୟାବସାୟିକ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଆକାଉଣ୍ଟକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଫଳରେ କର୍ମଚାରୀଙ୍କ ଦରମା ଓ ଦୈନନ୍ଦିନ କାରବାର ବାଧାପ୍ରାପ୍ତ ହେଉଥିବା ଦର୍ଶାଇ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। କେରଳ ସାଇବର୍ ପୁଲିସ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସନ୍ଦେହଜନକ ଟଙ୍କାର ପରିମାଣ ଜଣାଇବ। ସମ୍ପୃକ୍ତ ବ୍ୟାଙ୍କ କେବଳ ସେତିକି ଟଙ୍କାକୁ ଅଟକାଇ ବାକି ଟଙ୍କାରେ ବ୍ୟବସାୟୀଙ୍କୁ କାରବାର କରିବାକୁ ଅନୁମତି ଦେବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

**ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତର**

# ପର୍ଯ୍ୟାୟକ୍ରମେ ସବୁ ଜିଲ୍ଲାରେ ଖୋଲିବ ମେଡିକାଲ କଲେଜ

ଭୁବନେଶ୍ୱର, ୯।୩ (ସମିସ): ରାଜ୍ୟରେ ଯେଉଁ ସବୁ ଜିଲ୍ଲାରେ ମେଡିକାଲ କଲେଜ ନାହିଁ, ସେଠାରେ ପର୍ଯ୍ୟାୟକ୍ରମେ ମେଡିକାଲ କଲେଜ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ନୂତନ ମେଡିକାଲ କଲେଜ ଖୋଲିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କମିଟିର ସୁପାରିଶ ଅନୁଯାୟୀ ସରକାର ନୂତନ କଲେଜ ଖୋଲିବା ପାଇଁ ନିଷ୍ପତ୍ତି ନେବେ ବୋଲି ବିଧାୟକ ଗଣେଶ୍ୱର ବେହେରାଙ୍କ ଏକ ପ୍ରଶ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି।

**ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି କମିଟି**

ମନ୍ତ୍ରୀ କହିଛନ୍ତି ଯେ ଗଠିତ କମିଟିରେ ଯୋଜନା ଓ ସଂଯୋଜନ ବିଭାଗ, ଅର୍ଥ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସଚିବମାନେ ସଦସ୍ୟ ଅଛନ୍ତି ଏବଂ ମେଡିକାଲ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଆବାହକ ସଦସ୍ୟ ଅଛନ୍ତି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟ ସରକାର ବର୍ଷ ୨୦୨୪-୨୫ ରେ ଯାଜପୁରଠାରେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ବର୍ଷ ୨୦୨୫-୨୬ରେ ଅନୁଗୁଳ ଜିଲ୍ଲାରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ କନ୍ଧମାଳ ଜିଲ୍ଲାରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିଛନ୍ତି। ନ୍ୟାସନାଲ ମେଡିକାଲ କମିସନ୍ (ଏନଏମସି)ଙ୍କ ଠାରୁ ଅନୁମତିପତ୍ର ପ୍ରାପ୍ତ କରି ମହାରାଜା ଯଯାତି କେଶରୀ ମେଡିକାଲ କଲେଜରେ ୨୦୨୪ ଅକ୍ଟୋବର-ନଭେମ୍ବରଠାରୁ ୫୦ ଏମ୍‌ବିବିଏସ୍ ସିଟ୍‌ରେ ପାଠପଢ଼ା ଆରମ୍ଭ କରାଯାଇଛି। ସେହିପରି ଅନୁଗୁଳର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ କନ୍ଧମାଳର ସରକାରୀ ମେଡିକାଲ କଲେଜରେ ଶିକ୍ଷାବର୍ଷ ୨୦୨୫-୨୬ଠାରୁ ପ୍ରତ୍ୟେକ ସିଟ୍‌ରେ ୧୦୦ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପ୍ରଦାନ କରିବା ନିମନ୍ତେ ଏନଏମସିଙ୍କଠାରୁ ଅନୁମୋଦନ ପ୍ରାପ୍ତ ହୋଇ ନାମଲେଖା ପ୍ରକ୍ରିୟା ଶେଷ ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ବଦଳି ହେଉନାହାନ୍ତି ୨ ହଜାରରୁ ଊର୍ଦ୍ଧ୍ୱ ପୁଲିସ କର୍ମଚାରୀ

କଟକ, ୯।୩ (ସମିସ): ଓଡ଼ିଶା ପୁଲିସରେ ଦୀର୍ଘ ଦିନ ଧରି ଗୋଟିଏ ସ୍ଥାନରେ ରହି କ୍ଷମତା ଜାବୁଡ଼ି ଧରିଥିବା କର୍ମଚାରୀଙ୍କ ସମ୍ପର୍କରେ ବିଧାନସଭାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଏକ ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ରାଜ୍ୟର ବିଭିନ୍ନ ଥାନାରେ ୧୯୭୩ କନଷ୍ଟେବଲ ଏବଂ ୧୭୭ ହାବିଲଦାର ସରକାରୀ ନିୟମ ଉଲ୍ଲଙ୍ଘନ କରି ୩ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଛନ୍ତି। କେବଳ ଥାନାସ୍ତରରେ ନୁହେଁ, ଜିଲ୍ଲା ପୁଲିସର ଅନ୍ୟାନ୍ୟ ପ୍ରତିଷ୍ଠାନଗୁଡ଼ିକରେ ମଧ୍ୟ ପ୍ରାୟ ୭୭୫ କର୍ମଚାରୀ ଗୋଟିଏ ସ୍ଥାନରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅବସ୍ଥାପିତ ଅଛନ୍ତି। ଏହି ତଥ୍ୟ ରାଜ୍ୟ ପୁଲିସ ବାହିନୀରେ "ଘୂର୍ଣ୍ଣୟମାନ ବଦଳି ନୀତି' ବା ରୋଟେସନାଲ ଟ୍ରାନ୍ସଫର୍ ପଲିସିର ସଫଳ ରୂପାୟନ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସାଧାରଣତଃ ଜଣେ ପୁଲିସ କର୍ମଚାରୀ ଗୋଟିଏ ଥାନା କିମ୍ବା ଅଞ୍ଚଳରେ ବହୁ ଦିନ ଧରି ରହିଲେ, ସେଠାକାର ଅସାଧୁ ବ୍ୟକ୍ତି ବା ମାଫିଆଙ୍କ ସହ ମେଣ୍ଟ ହେବାର ଏବଂ ଦୁର୍ନୀତି ବଢ଼ିବାର ଆଶଙ୍କା ରହିଥାଏ। ଏହାକୁ ଦୃଷ୍ଟିରେ ରଖି ବୁକ୍ ସର୍କୁଲାର-୪୨ ଅନୁଯାୟୀ ପ୍ରତି ୩ବର୍ଷରେ ଥରେ ବଦଳି କରିବାର ନିୟମ ରହିଛି। ମୁଖ୍ୟମନ୍ତ୍ରୀ ନିଜ ଉତ୍ତରରେ ସ୍ପଷ୍ଟ କରିଛନ୍ତି

- ବିଧାନସଭାରେ ସୋଫିଆଙ୍କ ପ୍ରଶ୍ନର ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ
- ୩ ବର୍ଷର ବଦଳି ନିୟମକୁ 'ଫୁ' କଲେଣି କନଷ୍ଟେବଲ ଓ ହାବିଲଦାର
- ଯୁଦ୍ଧକାଳୀନ ଭିତ୍ତିରେ ବଦଳି କରିବାକୁ ସରକାରଙ୍କ ପ୍ରତିଶ୍ରୁତି

ଯେ ସରକାର ଏହି ବିଷୟକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛନ୍ତି ଏବଂ ପ୍ରଶାସନିକ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଖୁବ୍‌ଶୀଘ୍ର ଏହି କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯିବ। ଜିଲ୍ଲାସ୍ତରୀୟ ବଦଳି କମିଟି ମାଧ୍ୟମରେ ଖାଲିଥିବା ପଦ ଏବଂ ଆବଶ୍ୟକତାକୁ ଭିତ୍ତି କରି ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଉଛି। ଫଳରେ ତୃଣମୂଳସ୍ତରରେ ପୁଲିସ ସେବାକୁ ଅଧିକ ନିରପେକ୍ଷ ଓ କ୍ରିୟାଶୀଳ କରାଯାଇପାରିବ। ବିଧାନସଭାରେ ଉପସ୍ଥାପିତ ଏହି ତଥ୍ୟ ଏବେ ବିଭିନ୍ନ ଜିଲ୍ଲାର ଏସପିଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ପୁଲିସ ବାହିନୀରେ ଏକ ବଡ଼ଧରଣର ଅଦଳବଦଳ ହେବାର ସମ୍ଭାବନା ଦେଖାଦେଇଛି। ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟରୁ ଏହା ସ୍ପଷ୍ଟ ଯେ ଏଣିକି କୌଣସି କର୍ମଚାରୀ ନିଜ ପସନ୍ଦର ଥାନାରେ ଡେରା ପକାଇ ରହିପାରିବେ ନାହିଁ। ଏହି ବଦଳି ପ୍ରକ୍ରିୟା ଶେଷ ହେବା ପରେ ପୁଲିସ ବିଭାଗରେ ସ୍ୱଚ୍ଛତା ଆସିବା ସହ ସାଧାରଣ ଜନତାଙ୍କ ମଧ୍ୟରେ ପୁଲିସ ପ୍ରତି ଥିବା ବିଶ୍ୱାସ ଅଧିକ ଦୃଢ଼ ହେବ ବୋଲି ଆଶା କରାଯାଉଛି।

# ଆଉ ଖୋଲିବନି ନୂଆ ସବ-ଟ୍ରେଜରି ଅଫିସ

ଭୁବନେଶ୍ୱର, ୯।୩ (ସମିସ): ରାଜ୍ୟରେ ଆଉ ଖୋଲିବ ନାହିଁ ନୂଆ ସବ୍-ଟ୍ରେଜରି। ପେନସନରୁ ଆରମ୍ଭ କରି ଚାଲାଣ ଓ ବିଲ କାମ, ସବୁ ଅନଲାଇନରେ ଇ-ଭାଉଚର ଜରିଆରେ ହେଉଥିବାରୁ ଆଉ ନୂଆ ସବ୍-ଟ୍ରେଜରି ଖୋଲିବାର ଆବଶ୍ୟକତା ନାହିଁ ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଗୃହରେ ଉତ୍ତର ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ସହ ବିଜେପି ବିଧାୟକ ସନାତନ ବିଜୁଳି, ସିଦ୍ଧାନ୍ତ ମହାପାତ୍ର ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ଅତିରିକ୍ତ ପ୍ରଶ୍ନର ଆଲୋଚନା ବେଳେ ଆଇନ ମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟରେ ୧୬୯ ଟ୍ରେଜେରି ଏବଂ ୧୨୮ଟି ସବ-ଟ୍ରେଜରି ଅଛି। ୧୫୧ ଟି ବ୍ଲକରେ ଟ୍ରେଜେରି ନାହିଁ। ପେନସନରୁ ଆରମ୍ଭ କରି ଚାଲାଣ ଓ ବିଲ କାମ, ସବୁ ଅନଲାଇନରେ ଇ-ଭାଉଚର ଜରିଆରେ ହେଉଥିବାରୁ ଆଉ ନୂଆ ଖୋଲିବା ଆବଶ୍ୟକତା ନାହିଁ।

**■ ବିଧାନସଭା ଷ୍ଟାଣ୍ଡିଂ କମିଟିର ସୁପାରିଶ**

# ରଥ ନିର୍ମାଣ ଲାଗି ଆର୍ଥିକ ସହାୟତା ପ୍ରଦାନ କରିବାକୁ ପରାମର୍ଶ

ଭୁବନେଶ୍ୱର, ୯।୩ (ସମିସ): ରାଜ୍ୟର ଶ୍ରୀଜଗନ୍ନାଥ ମନ୍ଦିରଗୁଡ଼ିକରେ ରଥ ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉ। ସେହିପରି, ଗୋବର୍ଦ୍ଧନ ପୀଠରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆଧାରରେ ଏକ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକାରୀ କରିବା ସମ୍ପର୍କରେ ବିଚାର କରିବା ଲାଗି ସରକାରଙ୍କୁ ସୁପାରିଶ କରିଛି ଆଇନ ବିଭାଗ ସମ୍ପର୍କିତ ବିଧାନସଭା ଷ୍ଟାଣ୍ଡିଂ କମିଟି। ଦେବୋତ୍ତର ବିଭାଗ ଅଧୀନରେ ଥିବା ଦେବୋତ୍ତର ଓ ମନ୍ଦିରଗୁଡ଼ିକର ସୁପରିଚାଳନା ପାଇଁ ପଦକ୍ଷେପ ନେବାକୁ କମିଟି ପରାମର୍ଶ ଦେଇଛି। ମନ୍ଦିର ପରିସରରେ ଅସୁରକ୍ଷିତ ଭବନ ବା ଭିତ୍ତିଭୂମି ଭାଙ୍ଗିବା ଏବଂ ଐତିହାସିକ ମହତ୍ୱର ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ଏକ ପୃଥକ୍ ପାଣ୍ଠି ସୃଷ୍ଟି କରିବାକୁ ପରାମର୍ଶ ରହିଛି। ଏହାସହ ଦେବୋତ୍ତର ମନ୍ଦିରଗୁଡ଼ିକର ପରିଚାଳନା ପାଇଁ ବର୍ତ୍ତମାନର ୩ କୋଟି ଟଙ୍କାର ଆବଣ୍ଟନକୁ ଯଥେଷ୍ଟ ପରିମାଣରେ ବୃଦ୍ଧି କରିବାକୁ କୁହାଯାଇଛି। ସେହିପରି ଶ୍ରୀଜଗନ୍ନାଥ ମନ୍ଦିର ଜମିର ପରିଚାଳନା ପାଇଁ ଏକ ବ୍ୟାପକ ନିୟମାବଳୀ ପ୍ରସ୍ତୁତ କରିବାକୁ କମିଟି ପରାମର୍ଶ ଦେଇଛି। କମିଟି କହିଛି ଯେ ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନ, ୧୯୫୧କୁ ଯଥୋପଯୁକ୍ତ ସଂଶୋଧନ କରି ରାଜ୍ୟର ଏଣ୍ଡାଓମେଣ୍ଟ ପ୍ରବର୍ତ୍ତନ ୱିଙ୍ଗକୁ ସୁଦୃଢ଼ କରିବାକୁ ପଦକ୍ଷେପ ନେବା ଉଚିତ। ପୁରୀର ଶ୍ରୀ ଶଙ୍କରାଚାର୍ଯ୍ୟ ମଠର ନିୟମାବଳୀକୁ ପୁନଃ ସଂଶୋଧନ କରି ଏହାକୁ ଏଣ୍ଡାଉମେଣ୍ଟ କମିଶନରଙ୍କ ଅଧିକାରକ୍ଷେତ୍ର ଅଧୀନକୁ ଆଣିବାକୁ ପରାମର୍ଶ ଦିଆଯାଇଛି। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ କୋଠ ଭୋଗ ଦାନ ଯୋଜନାର ବଜେଟ୍ ବ୍ୟବସ୍ଥାକୁ ଜାରି ରଖିବାକୁ କମିଟି ମତ ପ୍ରକାଶ କରିଛି।

**ଶ୍ରୀଜଗନ୍ନାଥ ଜମି ପରିଚାଳନା ଲାଗି ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ ହେଉ**

# ଠିକ୍ ସମୟରେ ପହଞ୍ଚୁନି ଆମ୍ବୁଲାନ୍ସ

ଭୁବନେଶ୍ୱର, ୯।୩ (ସମିସ): ରାଜ୍ୟରେ ଘଟୁଥିବା ସଡ଼କ ଦୁର୍ଘଟଣାସ୍ଥଳକୁ ୧୦୮ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେଉଛି। ଏହାକୁ ନେଇ ସୋମବାର ଗୃହରେ ଉଦ୍‌ବେଗ ପ୍ରକାଶ ପାଇଛି। ଆମ୍ବୁଲାନ୍ସ ଆସିବା ପାଇଁ କେତେ ସମୟ ଲାଗିଥାଏ? ଏହି ସମୟକୁ କେମିତି କମାଯାଇପାରିବ, ସେନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଉତ୍ତର ମଗା ଯାଇଛି। ପ୍ରଶ୍ନକାଳରେ ବିଧାୟକ ସଂଜୀବ ମଲ୍ଲିକ ନିଜର ଏକ ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ, ନିକଟରେ ସେ ଭଦ୍ରକ ଯାଉଥିବା ବେଳେ ବାଟରେ ଏକ ଦୁର୍ଘଟଣା ଘଟିଥିଲା। ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସିବାରେ ଦୀର୍ଘ ସମୟ ବିଳମ୍ବ ହୋଇଥିଲା। ତାଙ୍କ ଗାଡ଼ିରେ ସେ ଆହତଙ୍କୁ ହସ୍ପିଟାଲ ପଠାଇଥିଲେ। ଆମ୍ବୁଲାନ୍ସର ଏପରି ବିଳମ୍ବକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ୧୦୮ ଆମ୍ବୁଲାନ୍ସ କାହିଁକି ଠିକ୍ ସମୟରେ ପହଞ୍ଚିପାରୁନି, ତାହାର ତଦନ୍ତ କରିବାକୁ ବିଧାୟକ ଶ୍ରୀ ମଲ୍ଲିକ ଦାବି କରିଥିଲେ। ଏହାର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ବିଗତ ଦିନରେ ଲୋକଙ୍କ ନିକଟରେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେଉଥିଲା। ଏପରିକି, ଆମ୍ବୁଲାନ୍ସକୁ ଠେଲା ହେଉଥିବାର ନଜିର ମଧ୍ୟ ରହିଛି। ଆମ୍ବୁଲାନ୍ସ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବା ପାଇଁ ୩୦ମିନିଟ୍ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏହି ସମୟକୁ ହ୍ରାସ କରିବା ପାଇଁ ସରକାର ଚିନ୍ତା କରୁଛନ୍ତି। କେମିତି ହସ୍ପିଟାଲଗୁଡ଼ିକରେ ଅଧିକ ଆମ୍ବୁଲାନ୍ସ ମହଜୁଦ ରହିବ ଏବଂ ଦୂରତା କମିବ, ସେଥିପାଇଁ ବିଭାଗ ବିଚାର କରୁଛି। ଗତ ୧୮ ମାସରେ ୪୨୮ ନୂଆ ଆମ୍ବୁଲାନ୍ସ ସରକାର ଯୋଗାଇ ଦେଇଛନ୍ତି। ଜିପିଆର୍‌ଏସ ଟ୍ରାକିଂ ହେଉଛି, ଅବହେଳା ଦେଖିଲେ ତଦନ୍ତ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ରାଜନଗର ଚାଷୀ ମୃତ୍ୟୁ ଘଟଣାରେ ରିପୋର୍ଟ ପ୍ରକାଶ ଦାବି କଲେ ପ୍ରମିଳା

ଭୁବନେଶ୍ୱର, ୯।୩(ସମିସ): ଗୃହରେ ଚାଷୀ ସମସ୍ୟା ସମ୍ପର୍କରେ ଆଲୋଚନା ପାଇଁ ବାରମ୍ବାର ଦାବି ପରେ ମଧ୍ୟ ସରକାର ଶୁଣୁନାହାନ୍ତି। ରାଜନଗରରେ ତ୍ରିଲୋଚନ ନାୟକ ନାମକ ଚାଷୀ ମଣ୍ଡିରୁ ଯାଇ ମିଲ ଆଗରେ ୩ ଦିନ ଟ୍ରାକ୍ଟର ଜଗି ରହିଲେ ଓ ତାଙ୍କର ମୃତ୍ୟୁ ହେଲା। ମନ୍ତ୍ରୀ କେବଳ ତଦନ୍ତ ପାଇଁ କହିଥିଲେ। କେତେଦିନ ମଧ୍ୟରେ ଏହି ତଦନ୍ତ ହେବ ଓ ଏହାର ରିପୋର୍ଟ ଆସିବ ସେନେଇ ସରକାରଙ୍କ ସ୍ପଷ୍ଟୀକରଣ ମାଗି ଶୂନ୍ୟକାଳରେ ବର୍ଷିଛନ୍ତି ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ଶ୍ରୀମତୀ ମଲ୍ଲିକ ଚାଷୀ ପ୍ରସଙ୍ଗରେ ଗୃହରେ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, କେବଳ ରାଜନଗର ନୁହେଁ ସାରା ରାଜ୍ୟରେ ଧାନ କିଣା ଅବ୍ୟବସ୍ଥା ଲାଗି ରହିଛି। ଥାନାରେ ଧାନ ରହି ଗଜା ହୋଇଯାଉଛି। ଚାଷୀ ହଇରାଣ ହେଉଛନ୍ତି। ତେଣୁ ଗୃହରେ କେବେ ଏହି ରିପୋର୍ଟ ଉପସ୍ଥାପନ କରାଯିବ, ସେନେଇ ବାଚସ୍ପତି ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିଜେଡି ବିଧାୟକମାନେ ଆସନରେ ଠିଆ ହୋଇ ଦାବି କରିଥିଲେ। ପରେ ଚଳିତ ଅଧିବେଶନ ଶେଷ ସୁଦ୍ଧା ଏହି ଘଟଣାର ତଦନ୍ତ ରିପୋର୍ଟ ଗୃହରେ ଉପସ୍ଥାପନ କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ। ପରେ ଗୃହ କାର୍ଯ୍ୟ ସୁରୁଖୁରୁରେ ଚାଲିଥିଲା।

# ଜୁନ ସୁଦ୍ଧା ସବୁ ଗ୍ରାମରେ ମୋବାଇଲ୍ ନେଟ୍‌ୱାର୍କ

ଭୁବନେଶ୍ୱର, ୯।୩(ସମିସ): ବର୍ତ୍ତମାନ ଓଡ଼ିଶାରେ ସମୁଦାୟ ୫୧,୬୭୨ଟି ଗ୍ରାମ ମଧ୍ୟରୁ ମାତ୍ର ୧୨୩୭ଟି ଗ୍ରାମରେ ମୋବାଇଲ୍ ଓ ନେଟୱାର୍କ ସେବା ଉପଲବ୍ଧ ହୋଇପାରିନାହିଁ। ଏହି ସବୁ ଗ୍ରାମକୁ ଆସନ୍ତା ଜୁନ୍ ସୁଦ୍ଧା ମୋବାଇଲ୍ ଓ ନେଟୱାର୍କ ସେବା ଯୋଗାଇବା ପାଇଁ ଯୋଜନା କରାଯାଇଛି। ବିଧାୟକ ପବିତ୍ର ସାଉନ୍ତାଙ୍କ ଏକ ଅଣତାରକା ପ୍ରଶ୍ନରେ ଏନେଇ ଗୃହରେ ଉତ୍ତର ରଖିଛନ୍ତି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ। ମନ୍ତ୍ରୀ କହିଛନ୍ତି ଯେ ଭାରତ ସରକାରଙ୍କ ଡିଜିଟାଲ ଭାରତ ନିଧି ଯୋଜନା ଅନ୍ତର୍ଗତ ୪୨୨୫ଟି ମୋବାଇଲ୍ ଟାୱାର ମଧ୍ୟରୁ ୩୨୮୧ଟି ମୋବାଇଲ୍ ଟାୱାର କାର୍ଯ୍ୟକ୍ଷମ ହୋଇସାରିଛି। ବାକି ଥିବା ୯୪୪ଟି ଟାୱାର ଆସନ୍ତା ୨୦୨୬ ମସିହା ଜୁନ୍ ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

**■ ଅର୍ଥ ବିଭାଗର ସବୁ ବିଭାଗକୁ ଚିଠି**

# ୮ମ ବେତନ ଆୟୋଗ ସମ୍ପର୍କରେ ଲୋଡ଼ିଲା ମତାମତ

ଭୁବନେଶ୍ୱର, ୯।୩(ସମିସ): କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଶୀଘ୍ର ୮ମ ବେତନ ଆୟୋଗ ଲାଗୁ ହେବାର ସମ୍ଭାବନା ଅଛି। ଏହା ପୂର୍ବରୁ ଏ ସମ୍ପର୍କରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ବିଭିନ୍ନ ଅନୁଷ୍ଠାନ ଓ ଜନସାଧାରଣଙ୍କ ମତାମତ ଲୋଡ଼ିଛନ୍ତି। ଏହି କ୍ରମରେ ଅର୍ଥ ବିଭାଗ ପକ୍ଷରୁ ରାଜ୍ୟ ସମସ୍ତ ବିଭାଗୀୟ ମୁଖ୍ୟ, ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇଛି। ଚିଠିରେ କୁହାଯାଇଛି ଯେ ଦରମା, ଭତ୍ତା ତଥା ପେନସନ୍ ବାବଦରେ ମତାମତ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୮ଟି ପ୍ରଶ୍ନର ଏକ ସାରଣୀ ପ୍ରସ୍ତୁତ କରାଯାଇଛି। ଏହି ପ୍ରଶ୍ନ ସାରଣୀକୁ ସମସ୍ତ ବିଭାଗ ସହ ତୃଣମୂଳସ୍ତରରେ କାର୍ଯ୍ୟରତ ଅଧିକାରୀଙ୍କ ନିକଟରେ ପହଞ୍ଚାଇବା ସହ ନିର୍ଦ୍ଧାରିତ ପୋର୍ଟାଲରେ ସେମାନେ ମତାମତ ପ୍ରଦାନ କରିବାକୁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଛି ଅର୍ଥ ବିଭାଗ। ସୂଚନାଯୋଗ୍ୟ ଯେ ଭାରତ ସରକାରଙ୍କ କେନ୍ଦ୍ରୀୟ ବେତନ ଆୟୋଗଙ୍କ ସଦସ୍ୟ ସଚିବ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ପତ୍ର ଲେଖି କହିଛନ୍ତି ଯେ ଭାରତ ସରକାର ଗଠନ କରିଥିବା ୮ମ ବେତନ ଆୟୋଗ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାରିଶ୍ରମିକ, ଭତ୍ତା ବୃଦ୍ଧି ସମ୍ପର୍କରେ ସମୀକ୍ଷା ଆରମ୍ଭ କରିବେ। ୮ମ ବେତନ ଆୟୋଗ ଲାଗୁ କରିବା ପୂର୍ବରୁ ସବୁ ବର୍ଗର ଲୋକଙ୍କ ମତାମତ ନେବା ଏକାନ୍ତ ଆବଶ୍ୟକ।

# ଜବରଦଖଲ ସରକାରୀ ଜମିର ଡାଟାବେସ୍ ପ୍ରସ୍ତୁତ ହେଉ

ଭୁବନେଶ୍ୱର, ୯।୩ (ସମିସ): ରାଜଧାନୀରେ ସରକାରୀ ଜମିଗୁଡ଼ିକୁ ପ୍ରଭାବଶାଳୀ ବ୍ୟକ୍ତି ବା ସଂଗଠନମାନେ ଦୁରୁପଯୋଗ କରୁଛନ୍ତି ବା ଜବରଦଖଲ କରିଥିବା ନଜରକୁ ଆସିଛି। ଯାହାକୁ ନେଇ ଉଦବେଗ ପ୍ରକାଶ କରିଛି ସାଧାରଣ ପ୍ରଶାସନ ବିଭାଗ ସମ୍ପର୍କିତ ବିଧାନସଭା ଷ୍ଟାଣ୍ଡିଂ କମିଟି। ବିଭାଗ ଅଧୀନରେ ଥିବା ସମସ୍ତ ଅଧିକୃତ ସରକାରୀ ଜମିର ଏକ ଡାଟାବେସ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛି ଏବଂ ଏହି ସମ୍ପତ୍ତିଗୁଡ଼ିକର ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କହିଛି। ସେହିଭଳି ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ ଓ ସଦସ୍ୟ(ବିଧାୟକ)ମାନଙ୍କୁ ମିଳୁଥିବା ଅଭିଯୋଗ ପତ୍ରଗୁଡ଼ିକର ଉଚିତ ଅନୁଧ୍ୟାନ କରାଯାଉନାହିଁ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ସେଲ୍ ତୁଳନାରେ ଏହି ଅଭିଯୋଗ ସମାଧାନ ସଫଳତା ହାର କମ ରହିଛି। ଏହାର ସମାଧାନ ପାଇଁ ଓକାକ୍ ସହ ମିଳିତ ଭାବେ ଏକ ନିର୍ଦ୍ଦିଷ୍ଟ ଆପ୍ ବିକଶିତ କରିବାକୁ କମିଟି ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ଅଭିଯୋଗଗୁଡ଼ିକର ପ୍ରଭାବଶାଳୀ ଢଙ୍ଗରେ ଅନୁଧ୍ୟାନ ହୋଇପାରିବ। ଏହାବ୍ୟତୀତ ଜିଲ୍ଲାସ୍ତରୀୟ ଅଭିଯୋଗ ସେଲଗୁଡ଼ିକୁ ଜନପ୍ରତିନିଧିମାନଙ୍କ ଅଭିଯୋଗ ଗ୍ରହଣ ଓ ସମୟୋଚିତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟାନ୍ୟ ପରାମର୍ଶରେ ନୂଆ ଏମ୍‌ଏଲଏ କଲୋନିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ୨୦୨୬ ଅକ୍ଟୋବର ୩୧ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି। ହରିଶ୍ଚନ୍ଦ୍ର ସହାୟତା ଯୋଜନା ଅଧୀନରେ ମୃତ ବ୍ୟକ୍ତିର ଆଧାର ଆଧାରିତ ଡାଟା ଆଣିବା ପାଇଁ ଏକ ମୋବାଇଲ୍ ଆପକୁ ୨୦୨୬ ଜୁଲାଇ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦିଆଯାଇଛି।

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଜନ୍ମେଜୟ ପଣ୍ଡା
ଗୁଆମାଳ, ଭଦ୍ରକ
ଆବିର୍ଭାବ: ୨୩.୦୭.୧୯୫୪
ତିରୋଧାନ: ୨୬.୦୨.୨୦୨୬
ଚାହିଁ ଚାହିଁ ବାରଦିନ ବିତିଗଲା, ଏବେ ବି ତୁମର ଅନୁପସ୍ଥିତି ସବୁ ସମୟରେ ଅନୁଭୂତି ହେଉଛି। ତୁମର ପୁଣ୍ୟ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-: ଶୋକସନ୍ତପ୍ତ :-
ଦିଲ୍ଲୀପ, ପ୍ରଦୀପ ଏବଂ ବନ୍ଧୁ ପରିଜନ ଓ ପରିବାରବର୍ଗ

# ପେସା ଆଇନ୍ ଲାଗୁ ପ୍ରସଙ୍ଗରେ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର, ୯।୩(ସମିସ): ରାଜ୍ୟ ସରକାର ପେସା ଆଇନ ଲାଗୁ କରିବେ ବୋଲି କହି ଆସୁଥିଲେ। ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ପେସା ଆଇନ୍ ଲାଗୁ ନେଇ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପେସା ଆଇନ ଲାଗୁ ହେବାରେ ବିଳମ୍ବ ହେତୁ ଆଦିବାସୀମାନେ ଜୀବନଜୀବିକା ହରାଉଛନ୍ତି। ତାଙ୍କୁ ତାଙ୍କ ଭିଟାମାଟିରୁ ତଡ଼ି ଦିଆଯାଉଛି। ବିରୋଧ କଲେ କେହି ଶୁଣୁନାହାନ୍ତି। ସରକାରଙ୍କ ପେସା ଆଇନ ସଂଶୋଧିତ ଚିଠା ପ୍ରସ୍ତାବ କୁଆଡ଼େ ଗଲା? ତାହାର ସ୍ଥିତି କ'ଣ ବୋଲି ପ୍ରଶ୍ନ କରି ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ତାରାପ୍ରସାଦ ବାହିନୀପତି ଓ ସି ଏସ ରାଜନ୍ ଏକ୍କା ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସୋମବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ ଯେ ଜଙ୍ଗଲ ଜମି ଆଦିବାସୀମାନଙ୍କର। ହେଲେ ସେଠାରେ ସେମାନଙ୍କ ଅଧିକାର କ୍ଷୁଣ୍ଣ କରାଯାଉଛି। ସରକାର ପେସା ଆଇନ ଲାଗୁ କରୁନାହାନ୍ତି। ସରକାର କ'ଣ ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି, ତାହା ଜଣାପଡୁନାହିଁ। ଏ ଡବଲ ଇଞ୍ଜିନ ସରକାର ଶିଳ୍ପପତିଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟବସ୍ଥା ହେଉଛି। ଓଡ଼ିଶାର ଖଣି ପାଣି ଲୁଟ୍ ପାଇଁ ଷଡ଼ଯନ୍ତ୍ର ଚାଲିଛି। ଶିଳ୍ପ ଓ ଖଣି ଦ୍ୱାରା ଆଦିବାସୀ ଖାଇବାକୁ ପାଉନାହାନ୍ତି। ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ରାଜ୍ୟର ୬୦ ଭାଗ ଆଦିବାସୀ ଲୋକ କଚ୍ଚା ଘରେ ରହୁଛନ୍ତି। ସେମାନଙ୍କ ଧନ ଜୀବନ ବିପଦରେ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଖଣି ଖନନ ପାଇଁ ଓ ଶିଳ୍ପ ପାଇଁ ଆଦିବାସୀଙ୍କୁ ତାଙ୍କ ଭିଟାମାଟିରୁ ତଡ଼ି ଦିଆଯାଉଛି। ତେଣୁ, କେବେ ପେସା ଆଇନ ଲାଗୁ ହେବ, ସେ ନେଇ ବିଭାଗୀୟ ମନ୍ତ୍ରୀ ଘୋଷଣା କରନ୍ତୁ ବୋଲି ସେ ଦାବି କରିଛନ୍ତି।

ସେହିଭଳି କଂଗ୍ରେସ ବିଧାୟକ ସି.ଏସ୍ ରାଜନ୍ ଏକ୍କା କହିଥିଲେ ଯେ ୨୦୨୪ ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ଘୋଷଣା କରିଥିଲେ ସରକାରକୁ ଆସିଲେ ପେସା ଆଇନ ଲାଗୁ କରିବେ। ମୁଖ୍ୟମନ୍ତ୍ରୀ ବାରମ୍ବାର ତାଙ୍କ ତାଙ୍କ ଅଭିଭାଷଣରେ ଏବଂ ରାଜ୍ୟପାଳ ମଧ୍ୟ ତାଙ୍କ ଅଭିଭାଷଣରେ ପେସା ଆଇନ୍ ଲାଗୁ କରାଯିବ ବୋଲି କହିଛନ୍ତି। ହେଲେ ତାହା ହୋଇନାହିଁ। ଜମି ଅଧିଗ୍ରହଣ ଜୋର୍ ଜବରଦସ୍ତ କରାଯାଉଛି। ବିଧାନସଭାରେ ଏନେଇ ଗୃହ କମିଟି ଗଠନ କରାଯାଉ। ଉକ୍ତ କମିଟି ଜମି ଅଧିଗ୍ରହଣ ପ୍ରକ୍ରିୟା ଅନୁଧ୍ୟାନ କରୁ ଓ ବାଚସ୍ପତି ଏନେଇ ଘୋଷଣା କରନ୍ତୁ ବୋଲି ସେ ଦାବି କରିଥିଲେ। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ ଯେ ରାଜ୍ୟରେ ନୂଆ ସରକାର ୨ବର୍ଷ ହେଲାଣି। ପେସା ଆଇନ ଲାଗୁ କରାଯିବ ବୋଲି ଖାଲି ଘୋଷଣା କରୁଛନ୍ତି। ମନ୍ତ୍ରୀ ଏହି ଗୃହରେ ସୂଚନା ଦେଇଥିଲେ ପେସା ଆଇନ ସଂଶୋଧିତ ଚିଠା ପ୍ରସ୍ତାବ ପ୍ରସ୍ତୁତ ହୋଇସାରିଛି। ହେଲେ ତାହାର ବାସ୍ତବତା କ'ଣ ଏ ପର୍ଯ୍ୟନ୍ତ ଜଣାପଡ଼ିଲା ନାହିଁ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଖଣି ଖନନ ପାଇଁ ସାଧାରଣ ଲୋକ ବିରୋଧ କରୁଛନ୍ତି। ଆଦିବାସୀ ବିସ୍ଥାପିତ ହେଉଛନ୍ତି। ଲୋକଙ୍କ ଉପରେ ମିଛ ମାମଲା ଲଗାଇ ଭୟଭୀତ କରାଯାଉଛି। ସରକାରଙ୍କ ପାଖରେ ସୂଚନା ଥିଲେ ବି ଚୁପ୍ ବସିଛନ୍ତି। ତେଣୁ ତୁରନ୍ତ ସରକାର ଏ ସମ୍ପର୍କରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ତାରା ଦାବି କରିଛନ୍ତି।

ନାମଲେଖା ନାମଲେଖା ନାମଲେଖା
ଶିକ୍ଷାବର୍ଷ ୨୦୨୬ - ୨୭ ନିମନ୍ତେ
ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଆମ୍ବଶାଳ
ବାଲିକୁଦା, ଜଗତସିଂହପୁର
(ଓଡ଼ିଶା ସରକାରଙ୍କ COR ପ୍ରାପ୍ତ)
ଶ୍ରେଣୀ - ନର୍ସରୀ ଠାରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ
ନାମଲେଖା ପାଇଁ ଫର୍ମ ତଥା ଦରଖାସ୍ତ ଆହ୍ୱାନ କରାଯାଉଅଛି
ଓଡ଼ିଶା ସରକାରଙ୍କ ଶିକ୍ଷା ଅଧିକାର ଆଇନ୍ ଅନୁସାରେ ପଛୁଆ ବର୍ଗ, ଅନୁସୂଚିତ ଜାତି ଆର୍ଥିକ ଦୁର୍ବଳ ଶ୍ରେଣୀ ଶିଶୁମାନଙ୍କ ନିମନ୍ତେ ପ୍ରଥମ ଶ୍ରେଣୀର ନିର୍ଦ୍ଧାରିତ ସ୍ଥାନର ୨୫% ମାଗଣା ଶିକ୍ଷା ଦିଆଯାଏ
ଯୋଗାଯୋଗ : ୯୫୮୩୨୦୦୧୪୫, ୯୭୭୭୩୭୬୮୯, ୯୪୩୭୪୩୯୮୪୯, ୯୯୩୮୫୭୦୮୧୦
ପ୍ରିନ୍ସିପାଲ, ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଆମ୍ବଶାଳ

# କଟକ ସିଟି





## କାଠଯୋଡ଼ିରୁ ନିଖୋଜ ନାବାଳକର ମୃତଦେହ ଉଦ୍ଧାର

**କଟକ, ୯ ।୩(ସମିସ):** ଦୁଇ ଦିନ ହେବ ନିଖୋଜ ହୋଇଥିବା ନାବାଳକର ମୃତଦେହ କାଠଯୋଡ଼ି ନଦୀରୁ ପୁଲିସ ଆଜି ଉଦ୍ଧାର କରିଛି । ତେବେ ଏହା ଆତ୍ମହତ୍ୟା ନା ହତ୍ୟା ତାହାକୁ ନେଇ ସନ୍ଦେହ ବଢ଼ିଛି । ଯଦିଓ ଘରେ ପାଟିତୁଣ୍ଡ ହେବା ପରେ ନାବାଳକ ଜଣକ ଘରୁ ରାଗିକି କେଉଁଆଡେ ପଳାଇଥିଲା, ଆଜି ହଠାତ୍ ନଦୀ ପାଣିରେ ଭାସୁଥିବା ଖବର ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ମୃତକ ଜଣକ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ବାଙ୍କିସାହିର ନିଶାନ୍ତ ମହାପାତ୍ର(୧୨) । ବାଦାମବାଡି ଥାନା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି ।

ପୁଲିସ ସୂଚନା ଅନୁସାରେ, ଆଜି ସକାଳେ ଖାନନଗର ଜଗନ୍ନାଥ ମନ୍ଦିର ପାଖର୍ କାଠଯୋଡି ନଦୀରେ ଏକ ମୃତଦେହ ଭାସୁଥିବାର ଦେଖିବାକୁ ମିଳିଥିଲା । ବାଦାମବାଡି ଥାନା ପୁଲିସ ତୁରନ୍ତ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ନଦୀରୁ ଶବ ଉଦ୍ଧାର କରିଥିଲା । ଏ ସମ୍ପର୍କରେ ସୂଚନା ପାଇ କିଛି ସମୟ ଭିତରେ ମୃତକଙ୍କ ପରିବାର ଲୋକେ ପହଞ୍ଚି ଶବ ଚିହ୍ନଟ କରିଥିଲେ । ପଚରାଉଚରା ବେଳେ ମୃତକଙ୍କ ପରିବାର ଲୋକେ ପୁଲିସକୁ କହିଛନ୍ତି ଯେ, ରବିବାର ଅପରାହ୍ନରେ କୌଣସି ଏକ କଥାକୁ ନେଇ ନିଶାନ୍ତକୁ ପାଟି କରିଥିଲେ । ଏହାପରେ ସେ ଘରୁ ରାଗିକରି ପଳାଇ ଆସିଥିଲା । ସନ୍ଧ୍ୟା ଯାଏ ଘରକୁ ନ ଫେରିବାରୁ ସମସ୍ତେ ଖୋଜାଖୋଜି କରିଥିଲେ । ମାତ୍ର ବିଳମ୍ବିତ ରାତି ଯାଏ ନିଶାନ୍ତର କୌଣସି ସୂଚନା ମିଳି ନ ଥିଲା । ଅନ୍ୟପଟେ, ରବିବାର ସନ୍ଧ୍ୟା ସମୟରେ ନିଶାନ୍ତ ସିଏନ୍‌ବିଟି ସମ୍ମୁଖ ବୁରୁଜ ପାଖ କାଠଯୋଡି ନଦୀ କୂଳରେ ଚଲାବୁଲା କରୁଥିଲା ବୋଲି କିଛି ଲୋକେ ଦେଖିଥିଲେ । ସମ୍ଭବତଃ ନିଶାନ୍ତ ସେହିଠାରେ ନଦୀକୁ ଡେଇଁ ଆତ୍ମହତ୍ୟା କରି ଥାଇ ପାରନ୍ତି ବୋଲି ପୁଲିସ ଆଶଙ୍କା କରୁଛି । ଯଦିଓ ମୃତଦେହରେ କୌଣସି ଆଘାତ ଚିହ୍ନବର୍ଣ୍ଣ ନାହିଁ ତେଣୁ ତାହା ହତ୍ୟା ନୁହେଁ ବୋଲି ପୁଲିସ କହୁଛି । ଏସସିବି ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମ୍ପୂର୍ଣ୍ଣ ଘଟଣା ସାମ୍ନାକୁ ଆସିବ । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଅଜୟ କୁମାର ରାଉଳ ସୂଚନା ଦେଇଛନ୍ତି ।

**ହତ୍ୟା ନା ଆତ୍ମହତ୍ୟାକୁ ନେଇ ବଢ଼ିଲା ସନ୍ଦେହ; ପୁଲିସର ତଦନ୍ତ ଜାରି**

■ ମହିଳା ଦିବସରେ ସିଏମ୍‌ସିର ଅଭିନବ ପ୍ରୟାସ

## ମହାନଦୀ କୂଳରେ ମହିଳାଙ୍କ ସଫେଇ ଅଭିଯାନ



**କଟକ, ୯ ।୩(ସମିସ):** ବିଶ୍ୱ ମହିଳା ଦିବସକୁ ଏକ ସ୍ମରଣୀୟ ଢଙ୍ଗରେ ପାଳନ କରିବା ପାଇଁ କଟକ ମହାନଗର ନିଗମ ପକ୍ଷରୁ ଏକ ନିଆରା ପଦକ୍ଷେପ ନିଆଯାଇଛି । କଟକର ଐତିହାସିକ ଗଡ଼ଗଡ଼ିଆ ଘାଟଠାରେ ମହାନଦୀ ସଫେଇ ଅଭିଯାନ ଆୟୋଜିତ ହୋଇଯାଇଛି, ଯେଉଁଠାରେ ମହିଳା କର୍ପୋରେଟର, ସ୍ୱଚ୍ଛ ସାଥୀ, ଜଳ ସାଥୀ ଏବଂ ସିଏମସିର ମହିଳା ଅଧିକାରୀମାନେ ମିଳିତ ଭାବେ ନଦୀ ପଠା ସଫା କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି । ଏହି ଅବସରରେ କଟକ ମେୟର ସୁବାସ ସିଂହ ସିଏମସି କମିଶନର ସୁଶ୍ରୀ କିରଣଦୀପ କୌର ସହୋତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ମହିଳା ଦିବସର ଶୁଭେଚ୍ଛା ଜଣାଇଥିଲେ । ମେୟର ଶ୍ରୀ ସିଂହ ଏହି ଅଭିଯାନରେ ସାମିଲ ହୋଇଥିବା ସମସ୍ତ ସ୍ୱଚ୍ଛ ସାଥୀ, କର୍ପୋରେଟର ଏବଂ ମହିଳା କର୍ମଚାରୀଙ୍କୁ ସେମାନଙ୍କ ନିଷ୍ଠାପର ସେବା ପାଇଁ ଅଭିନନ୍ଦନ ଜଣାଇବା ସହ ସମ୍ମାନିତ କରିଥିଲେ । "ବନ୍ଦେ ମହାନଦୀ' କାର୍ଯ୍ୟକ୍ରମ ମାଧ୍ୟମରେ ଆୟୋଜିତ ଏହି ଅଭିଯାନରେ ଗଡ଼ଗଡ଼ିଆ ଘାଟ ଓ ଏହାର ଆଖପାଖ ଅଞ୍ଚଳକୁ ସମ୍ପୂର୍ଣ୍ଣ ସଫା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସିଏମସିର ବରିଷ୍ଠ ଅଧିକାରୀ, କର୍ମଚାରୀ, ବନ୍ଦେ ମହାନଦୀ ସଂଗଠନର ସଦସ୍ୟ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ଯୁବକ-ଯୁବତୀ ଅଂଶଗ୍ରହଣ କରିଥିଲେ । ସହରର ସଫେଇ ବ୍ୟବସ୍ଥାରେ ମହିଳାମାନଙ୍କ ଅବଦାନ ଅତୁଳନୀୟ ବୋଲି ଏହି ଅବସରରେ ମତପ୍ରକାଶ ପାଇଥିଲା ।

**ମାତୃଭବନ ନିକଟରେ ଅଟକିଛି ବକ୍ସ ଡ୍ରେନ୍ ପ୍ରକଳ୍ପ**

## ମେ' ଶେଷ ସୁଦ୍ଧା ସରିବା ନେଇ ଲକ୍ଷ୍ୟ

**କଟକ, ୯ ।୩(ସମିସ):** କଟକ ସହରରେ ଚାଲିଥିବା ବକ୍ସ ଡ୍ରେନ କାର୍ଯ୍ୟ ମାତୃଭବନ ରେଳ ଓଭରବ୍ରିଜ ନିକଟରେ ଅଟକିଛି । ଏହି ପ୍ରକଳ୍ପ ଗତ ୨୦୨୪ ମାର୍ଚ୍ଚ ମାସ ସୁଦ୍ଧା ଶେଷ ହେବ ବୋଲି ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ଏହା ଶେଷ ହୋଇପାରିନାହିଁ । ଉଭୟ ବକ୍ସ ଓ ଓପନ ଡ୍ରେନେଜ କାର୍ଯ୍ୟ ଶେଷ ଶେଷ ହେବା ସହ ସହରର ସମସ୍ତ ସ୍ଲୁଇସ ଗେଟ କାର୍ଯ୍ୟକ୍ଷମ ହେଲେ ଆଉ ଜଳବନ୍ଦୀର ସମସ୍ୟା ରହିବ ନାହିଁ । ତେବେ ମାତୃଭବନ ନିକଟରେ କାମ ମନ୍ଥର ହୋଇଥିବା ବେଳେ ଆସନ୍ତା ମେ ମାସ ୩୧ ତାରିଖ ସୁଦ୍ଧା କାମ ସରିବ ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଥିବା ଜଣାପଡିଛି ।

ସହରରେ ମୋଟ ୨୫୯୫ମିଟର ବକ୍ସ ଡ୍ରେନ ଓ ୮୧୦ମିଟର ଓପନ ଡ୍ରେନ ଏହିଭଳି ମୋଟ ୩୩୦୦ମିଟରରୁ ଅଧିକ ଡ୍ରେନ ନିର୍ମାଣ କରାଯାଉଛି । ନାଳନ୍ଦା ଏଏସଏସଜି(ଜେଭି) ବକ୍ସ ଡ୍ରେନ ନିର୍ମାଣ କାର୍ଯ୍ୟ ଟେଣ୍ଡର ନେଇ କାର୍ଯ୍ୟ ଆରମ୍ଭ କରିଥିଲା । ହେଲେ ୨୦୨୨ଡିସେମ୍ବର ୧୫ ସୁଦ୍ଧା କାର୍ଯ୍ୟ ଅତି ମନ୍ଥର ହେବାରୁ ନଗର ଉନ୍ନୟନ ବିଭାଗ ଏହି କାର୍ଯ୍ୟ ଗତ ୨୦୨୩ଫେବୃଆରୀରେ ୱାଟକୋକୁ ଦେଇଥିଲା । ମାର୍ଚ୍ଚ ୨୦୨୩ରୁ ୱାଟକୋ ଏହି କାର୍ଯ୍ୟ ଆରମ୍ଭ କରିଥିଲା । ପୂର୍ବରୁ କାର୍ଯ୍ୟ କରୁଥିବା ନାଳନ୍ଦା ମୋଟ ୩୮୦ମିଟର କାର୍ଯ୍ୟ ଶେଷ କରିପାରିଥିଲା । ଇତିମଧ୍ୟରେ ୱାଟକୋ ପକ୍ଷରୁ ୭୦୦ମିଟରରୁ ଅଧିକ ଡ୍ରେନ ନିର୍ମାଣ ଶେଷ ହୋଇଛି । ନାଳନ୍ଦା କାର୍ଯ୍ୟାଦେଶ ନେବା ପୂର୍ବରୁ ତାନ୍ତିଆ ଭୋଲଟାସ(ଜେଭି) ମଧ୍ୟ ୩୩୭ମିଟର ବକ୍ସ ଡ୍ରେନ ନିର୍ମାଣ କରିସାରିଥିଲା । ମୁଖ୍ୟ ଡ୍ରେନ ନିର୍ମାଣ ଶେଷ ପରେ ୫ଗୋଟି ପମ୍ପିଂ ଷ୍ଟେସନ ସହ ରହିଥିବା ୨୦ସ୍ଲୁଇସ ଫାଟକ କାର୍ଯ୍ୟକ୍ଷମ କରାଯିବ । ଯଦ୍ୱାରା କଟକ ସହର ଜଳବନ୍ଦୀର ସମ୍ମୁଖୀନ ହେବ ନାହିଁ । ସେହିପରି ନାଳନ୍ଦା ସହ ହୋଇଥିବା ଚୁକ୍ତି ଅନୁସାରେ କାର୍ଯ୍ୟ କରାଯାଉଛି । ଏପରିକି ରେଳ ଓଭରବ୍ରିଜ ତଳେ ନିର୍ମାଣାଧୀନ ଡ୍ରେନ ପାଇଁ ରେଳବାଇକୁ ମଧ୍ୟ ଆବଶ୍ୟକ ଅର୍ଥ ୱାଟକୋ ପକ୍ଷରୁ ଦିଆଯାଇସାରିଛି । ପ୍ରାୟ ୩୪୦୦ମିଟର ବକ୍ସ ଡ୍ରେନ ନିର୍ମାଣ ପାଇଁ ୪୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଲଟ୍‌-୧ରେ ୨୧୩.୧୫କୋଟିରେ ୧୮୫୦ମିଟର ଓ ଲଟ୍‌-୨ରେ ୨୩୭.୮୨କୋଟିରେ ୧୫୫୦ମିଟର ଡ୍ରେନ ନିର୍ମାଣ ପାଇଁ ବ୍ୟୟବରାଦ ହୋଇଛି । ପରବର୍ତ୍ତୀ ସମୟରେ ଲଟ୍‌-୨ରେ ୮୧୦ମିଟର ଓପନ ଡ୍ରେନ ପାଇଁ ନିଷ୍ପତ୍ତି ହୋଇଥିଲା । ଏହି ଡ୍ରେନ ପାଖରେ ୭.୫ ମିଟର ରାସ୍ତା ପ୍ରଶସ୍ତ ଥିବାରୁ ଏହାକୁ ଓପନ ଡ୍ରେନ କରାଯାଉଛି । ପ୍ରକାଶଥାଉକି କଟକ ସହରର ରାସ୍ତାଘାଟ ଓ ଡ୍ରେନେଜ ବ୍ୟବସ୍ଥାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ଶୁଣାଣି ହୋଇଆସୁଛି । ୱାଟକୋ ପକ୍ଷରୁ ମଧ୍ୟ ଉପରୋକ୍ତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ରିପୋର୍ଟ ଦିଆଯାଉଛି ।

## କଟକରେ ପିଲା ଚୋର ଆତଙ୍କ



- ଅପହରଣ ଉଦ୍ୟମ ବେଳେ ଝାଡ଼ଖଣ୍ଡୀ ମହିଳା କାବୁ
- ୧୦ ବର୍ଷର ପୁଅକୁ ଉଠାଇ ନେଉଥିଲେ ଅଭିଯୁକ୍ତ
- ବଞ୍ଜାରା ଗୋଷ୍ଠୀର ସକ୍ରିୟତାକୁ ନେଇ ପୁଲିସର ହାଇ ଆଲର୍ଟ

**କଟକ, ୯ ।୩(ସମିସ):** କଟକ ସହରର ବକ୍ସିବଜାର ଅନ୍ତର୍ଗତ ବାରପଥର ସୁନା ଧୁଆ ସାହିରେ ପିଲା ଚୋରି ଉଦ୍ୟମ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି । ସୋମବାର ପୂର୍ବାହ୍ନ ପ୍ରାୟ ସାଢେ ୯ଟା ସମୟରେ ଜଣେ ୧୦ ବର୍ଷର ଶିଶୁ ନିଜ ଘର ସମ୍ମୁଖରେ ଖେଳୁଥିବା ବେଳେ ଜଣେ ଦୁର୍ବୃତ୍ତ ମହିଳା ତାଙ୍କୁ ଚକୋଲେଟ୍ ଦେଖାଇ ଲୋଭେଇବା ସହ ଜବରଦସ୍ତି ଉଠାଇ ନେବାକୁ ଚେଷ୍ଟା କରିଥିଲେ । ପିଲାଟି ନିଜକୁ ରକ୍ଷା କରିବା ପାଇଁ ମହିଳାଙ୍କ ହାତକୁ କାମୁଡ଼ି ଦେଇ ଚିତ୍କାର କରିବାରୁ ସାହି ପଡ଼ୋଶୀମାନେ ସତର୍କ ହୋଇଯାଇଥିଲେ । ଧରାପଡ଼ିବା ଭୟରେ ମହିଳା ଜଣକ ପିଲାକୁ ତଳେ କଚାଡ଼ି ଦେଇ ଦୌଡ଼ିବାକୁ ଉଦ୍ୟମ କରିଥିଲେ ହେଁ, ଉପସ୍ଥିତ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ନିସ୍ଥୁକ ମାଡ଼ ମାରିଥିଲେ । ଖବର ପାଇ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣକ ଝାଡ଼ଖଣ୍ଡ ଡୁମକା ଜିଲ୍ଲାର ଫୁଲକୁମାରୀ ଟୁଡୁ (୩୫) ବୋଲି ଚିହ୍ନଟ ହୋଇଛନ୍ତି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ ଫୁଲକୁମାରୀ ଏକ ବାହାରିଆ ବଞ୍ଜାରା ଗୋଷ୍ଠୀର ସଦସ୍ୟା, ଯେଉଁମାନେ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାରେ ପିଲା ଚୋରି ଭଳି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିଲେ । ବର୍ତ୍ତମାନ ଏହି ଗୋଷ୍ଠୀ କଟକ ଓ ଭୁବନେଶ୍ୱର ଭଳି ସହରାଞ୍ଚଳରେ ସକ୍ରିୟ ରହିଥିବା ସୂଚନା ମିଳିଛି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କ ଉପରେ ପୁଲିସ ନଜର ରଖିଛି । ଏହି ଘଟଣା ପରେ ସମଗ୍ର କଟକ ସହରରେ ଅଭିଭାବକମାନଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି । କଟକ ପୁଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପାଟ୍ରୋଲିଂକୁ ଜୋରଦାର କରାଯାଇଛି । ବିଶେଷ କରି ସ୍କୁଲ ଛୁଟି ସମୟରେ ଏବଂ ଭିଡ଼ ଜମୁଥିବା ସ୍ଥାନରେ ସତର୍କ ରହିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ଅଚିହ୍ନା ବ୍ୟକ୍ତି ବା ସନ୍ଦେହଜନକ ବେଶଭୁଷାରେ ବୁଲୁଥିବା ଲୋକଙ୍କ ଉପରେ ନଜର ରଖିବା ସହ କୌଣସି ଅପ୍ରୀତିକର ପରିସ୍ଥିତି ଦେଖାଦେଲେ ତୁରନ୍ତ ସ୍ଥାନୀୟ ଥାନା କିମ୍ବା ୧୧୨ ନମ୍ବରରେ ଯୋଗାଯୋଗ କରିବାକୁ ପୁଲିସ ନିବେଦନ କରିଛି ।

## ଅଭିଭାବକଙ୍କ କୃତଜ୍ଞତା ଅର୍ପଣ ଉତ୍ସବ



**କଟକ, ୯ ।୩(ସମିସ):** ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଚଳିତ ବର୍ଷ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିବା ବିଦ୍ୟାର୍ଥୀଙ୍କ ଅଭିଭାବକଙ୍କ ଦ୍ୱାରା ଏକ କୃତଜ୍ଞତା ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟର ଗୁରୁମା, ଗୁରୁଜୀ, ସେବିକା, ସେବକଙ୍କୁ ସେମାନଙ୍କର ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ପିଲାମାନଙ୍କର ଅଧ୍ୟୟନ ଯାତ୍ରାରେ ଅବଦାନ ନିମନ୍ତେ ଅଭିଭାବକମାନେ କୃତଜ୍ଞତା ଅର୍ପଣ ସ୍ୱରୂପ ସମସ୍ତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଏକ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ପରିଚାଳନା ସମିତିର ଶରତ ଦାସ ଏବଂ ସଞ୍ଜୟ ପଟ୍ଟନାୟକ ଏହି ଉତ୍ସବରେ ସମ୍ବର୍ଦ୍ଧିତ ହୋଇଥିଲେ । ଅଭିଭାବକ ତଥା ଖ୍ରୀଷ୍ଟ ମହାବିଦ୍ୟାଳୟର ଅଧ୍ୟାପକ ଡ. କୃତ୍ତିବାସ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟରୁ ନିକଟରେ ଅବସର ନେଇଥିବା ପ୍ରଧାନଆଚାର୍ଯ୍ୟ ନାରାୟଣ ପ୍ରସାଦ ଷଡଙ୍ଗୀଙ୍କୁ ବିଶେଷ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଚିତ୍ତ ରଞ୍ଜନ ଭୁକ୍ତା, କୈଳାସ ସାହୁ, ଶକ୍ତି ମାନସ ନାୟକ, କାମିନୀ ମୋହନ ପଟ୍ଟନାୟକ ଓ ଅକ୍ଷୟ କୁମାର ସେଠୀଙ୍କ ସମେତ ଦଶମ ପରୀକ୍ଷା ଦେଇଥିବା ବିଦ୍ୟାର୍ଥୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଓଷ୍ଟାର 'ନାରୀଶକ୍ତି: ବିଜୟ ପାଇଁ ବରଦାନ' ଶୀର୍ଷକ ଆଲୋଚନାଚକ୍ର

**କଟକ, ୯ ।୩(ସମିସ):** ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଏକ ରାଜ୍ୟସ୍ତରୀୟ ଆଭାସୀ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ନାରୀ ଶକ୍ତି - ବିଜୟ ପାଇଁ ବରଦାନ ଶୀର୍ଷକ ବିଷୟବସ୍ତୁ ଭିତ୍ତିକ ଆଲୋଚନା ଚକ୍ରକୁ ରାଜ୍ୟର ବିଶିଷ୍ଟ ସମାଜସେବୀ ବିଶାଖା ଭଞ୍ଜ ଅତିଥି ଭାବରେ କହିଥିଲେ, କର୍ମଜୀବୀ କିମ୍ବା ସାଧାରଣ ବା ଦଳିତ ହେଉ ପ୍ରତ୍ୟେକ ମହିଳା ତାର ସାଧ୍ୟମତେ ଘରଟିକୁ ତିଆରି କରିଥାଏ । ଅନ୍ୟତମ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ୍ ତଥା ଅଖିଳ ଭାରତୀୟ ଶୈକ୍ଷିକ ସଂଘର ସଂପାଦିକା ସନ୍ଧ୍ୟା ପ୍ରଧାନ କହିଥିଲେ, "ନାରୀମାନେ ଯେଉଁଠି ଅବସ୍ଥାପିତ ହୋଇଥାନ୍ତୁ ସେମାନେ କେବେହେଲେ ତାଙ୍କର ମୂଳକୁ ଛାଡିବା ଉଚିତ ନୁହେଁ ଏବଂ ସର୍ବଦା ନିଜର ଚରିତ୍ରବତ୍ତା ବଜାୟ ରଖିବା ଦରକାର । ନାରୀମାନେ ଶିକ୍ଷିତ, ସଂଗଠିତ ହେବା ସହ ସଂଘର୍ଷ କରି ଜୀବନ ବଞ୍ଚିବା ଉଚିତ । ରାଜ୍ୟ ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତଙ୍କ ସଭାପତିତ୍ୱରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସଂଗଠନର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଅତିଥିମାନଙ୍କର ପରିଚୟ ପ୍ରଦାନ ପୂର୍ବକ ଆଭାସୀ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । 'ନାରୀଶକ୍ତି: ବିଜୟ ପାଇଁ ବରଦାନ' ଶୀର୍ଷକରେ ତାଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଓଷ୍ଟାର କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ବୈଠକକୁ ସଞ୍ଚାଳନ କରିଥିଲେ । ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ ସମାଜର ଉନ୍ନତି ପାଇଁ ନାରୀମାନଙ୍କୁ ସମ୍ମାନ ଦେବା ସହ ନାରୀକୁ ସମାନ ଅଧିକାର ଦେବା ପାଇଁ ପରାମର୍ଶ ଦେଇଥିଲେ । ରାଜ୍ୟ ଓଷ୍ଟାର ସମ୍ପାଦିକା ରଞ୍ଜିତା ମିଶ୍ର ଏବଂ ଯୁଗପ୍ରଭା ସାବତ ଆଜିର ଆଭାସୀ ଆଲୋଚନାଚକ୍ରରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଉପସଭାପତି ରାଜଲକ୍ଷ୍ମୀ ବେହେରା, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର ସୁବୁଦ୍ଧି, ପ୍ରାକ୍ତନ ଉପସଭାପତି ଲୀଳାବତୀ ପଟ୍ଟନାୟକଙ୍କ ସମେତ ବିଭିନ୍ନ ଜିଲ୍ଲାର ମହିଳା କର୍ମକର୍ତ୍ତା ଯୋଗଦାନ କରିଥିଲେ । ଯୁଗ୍ମସାଧାରଣ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ରନ୍ଧନ ଗ୍ୟାସ୍ ଦରବୃଦ୍ଧି ବିରୋଧରେ ଏସ୍‌ୟୁସିଆଇର ବିକ୍ଷୋଭ




**କଟକ, ୯ ।୩(ସମିସ):** କେନ୍ଦ୍ର ବିଜେପି ସରକାର ସମ୍ପ୍ରତି ଯୁଦ୍ଧ ଆଳରେ ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟବୃଦ୍ଧି କରିବାକୁ ଏସୟୁସିଆଇ (କମ୍ୟୁନିଷ୍ଟ) ତରଫରୁ ତୀବ୍ର ନିନ୍ଦା କରାଯାଇଛି । କେନ୍ଦ୍ର ସରକାରଙ୍କର ଏହି ନିଷ୍ପତ୍ତି ପ୍ରତିବାଦରେ ଆଜି ପାର୍ଟି ପକ୍ଷରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପାର୍ଟି ପକ୍ଷରୁ ପ୍ରକାଶ କରାଯାଇଛି ଯେ ତୈଳ ସଙ୍କଟ ନଥାଇ ଯୁଦ୍ଧ ବାହାନାରେ ସରକାର କମ୍ପାନୀ ମାନଙ୍କ ସ୍ୱାର୍ଥରେ ରନ୍ଧନ ଗ୍ୟାସର ଦର ବୃଦ୍ଧି କରିଛନ୍ତି । ସେଥିପାଇଁ ବର୍ଦ୍ଧିତ ଗ୍ୟାସ ଦର୍ ହ୍ରାସ କରିବାକୁ ପାର୍ଟି ପକ୍ଷରୁ ଦାବି କରାଯାଇଛି । ଏହି ବିକ୍ଷୋଭରେ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ବସନ୍ତ ନାୟକ, ଭାଗ୍ୟରବି ଦାସ, ଦୀପକ ଦାସ, ବିନୋଦ ସେଠୀ, ଈଶା ଧର, ପାର୍ଟି ସଦସ୍ୟ ପ୍ରିୟଦର୍ଶନ ପାଭେଲ, ଅକ୍ଷୟ ରାଉଳ, ଆଇନଜୀବୀ ପ୍ରତାପ ମିଶ୍ର, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ସୋଭା ଦେହୁରୀ, ସିପ୍ରା ମହାନ୍ତି, ସ୍ୱାଧିନୀ ବେହେରା, ଜୋସ୍ନାରାଣୀ ଦାସ, ସୁଜାତା ମହାପାତ୍ର, କେ ଶ୍ରୀନିବାସ ରେଡି ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ୨୦୨୭ ଜନଗଣନା ନିମନ୍ତେ କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଆରମ୍ଭ



**କଟକ, ୯ ।୩(ସମିସ):** ୨୦୨୭ ଜନଗଣନାକୁ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ନିର୍ଭୁଲ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ତରଫରୁ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହୋଇଛି । ଏହି ଶିବିର ମାର୍ଚ୍ଚ ୧୬ ପର୍ଯ୍ୟନ୍ତ ଦୁଇଟି ବ୍ୟାଚରେ ଆୟୋଜିତ ହେବ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କଟକ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ତତ୍ତ୍ୱାବଧାନରେ ଏବଂ ତାଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ କମଳଜିତ ଦାସଙ୍କ ସହ ପରିଚାଳନା ଓ ପ୍ରଶାସନିକ ତଦାରଖ ପୂର୍ବକ କରାଯାଉଛି । ଆସନ୍ତା ଏପ୍ରିଲ ୧ରୁ ଏପ୍ରିଲ ୭ ପର୍ଯ୍ୟନ୍ତ ଜିଲ୍ଲାର ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ପ୍ରଥମଥର ପାଇଁ ଏହି ଜନଗଣନା ସଂପୂର୍ଣ୍ଣଭାବେ ଡିଜିଟିକରଣ ମାଧ୍ୟମରେ କରାଯାଉଛି ବୋଲି ସୂଚନା ଦେଇ ଉଭୟ ସହକାରୀ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ମିଲିତା ଦତ୍ତ ଓ ଡେପୁଟି କଲେକ୍ଟର (ଜନଗଣନା) ନୁରି ପରଭିନ ଆଜି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅନୁଷ୍ଠିତ ହେବାକୁ ଥିବା ୨୦୨୭ ଷୋଡଶ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କ୍ଷେତ୍ରସ୍ତରୀୟ ଅଧିକାରୀ ଭାବେ ପ୍ରଶାସନିକ ଅଧିକାରୀ, ଡେପୁଟୀ କଲେକ୍ଟର, ସହକାରୀ ଜିଲ୍ଲାପାଳ, ଅତିରିକ୍ତ ତହସିଲଦାର, ଅଧ୍ୟାପକ ପ୍ରଶିକ୍ଷଣ ଗ୍ରହଣ କରିବେ ।

# ବିଭିନ୍ନ ସ୍ଥାନରେ ବିଶ୍ୱ ମହିଳା ଦିବସ

### ମହିଳା ସମିତି



**କଟକ, ୯ ।୩(ସମିସ):** ମହାନଦୀବିହାରସ୍ଥିତ ମହିଳା ସମିତି ପକ୍ଷରୁ ସଭାପତି ନମିତା ଦାଶଙ୍କ ସଭାପତିତ୍ୱରେ ଏବଂ ସମ୍ପାଦିକା ମଧୁସ୍ମିତା ଷଡ଼ଙ୍ଗୀଙ୍କ ସଂଯୋଜନାରେ ଗତ ରବିବାର ମହାନଦୀଭବନ ପରିସରରେ ବିଶ୍ୱ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଦିବସରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ, ଏମଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସମିତିର କାର୍ଯ୍ୟନିର୍ବାହୀ ସଭ୍ୟ ସୁଶ୍ରୀ ଇନ୍ଦୁମତୀ ଦାଶ, ସୋହାଗିନୀ ବେହେରା, ରୀନା ମିଶ୍ର, ଅନୁସୂୟା ମହାନ୍ତି, ରଶ୍ମୀ ପଣ୍ଡା, ସସ୍ମିତା ସାବତ, ପ୍ରଣତି ଆଚାର୍ଯ୍ୟ, ସ୍ୱପ୍ନମୟୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସମିତି ପକ୍ଷରୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମିତିର ପୂର୍ବତନ ସଭାପତି ଚାରୁଲତା ଷଡ଼ଙ୍ଗୀ, ଜ୍ୟୋତି ନାୟକ, କାନନବାଳା ସାହୁ, ବାସନ୍ତୀ ଶତପଥୀ, ସ୍ନେହ ନନ୍ଦ, ସୌଦାମିନୀ ଚୌଧୁରୀ ଏବଂ ସୁଶ୍ରୀ ଇନ୍ଦୁ ଦାସଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏଥି ସହିତ ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ଓ ମୁରୁଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଉପସଭାପତି ରୀନାରାଣୀ ମିଶ୍ର ଧନ୍ୟବାଦ ଦେଇଥିଲେ ।

### ଉତ୍କଳ ସେବକ ସମାଜ

ସିଏମସି ୪୮ ନଂ ୱାର୍ଡସ୍ଥିତ ଗୋଷ୍ଠୀ କେନ୍ଦ୍ରଠାରେ ଉତ୍କଳ ସେବକ ସମାଜ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ସଂଗଠନର ସମ୍ପାଦକ ଡ. ଅମିୟ ଭୂଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦୨୬ ମହିଳା ଦିବସର ମୁଖ୍ୟ ବିଷୟବସ୍ତୁ "ଦେଲେ ହିଁ ପାଇବା ସମ୍ଭବ" ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ନଳିନୀ ବେହେରା, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ମାନସ ରଞ୍ଜନ ବିଶ୍ୱାଳ ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ସମାଜରେ ନିଜକୁ ପ୍ରତିଷ୍ଠିତ କରିଥିବା କେତେକ ମହୀୟସୀ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଏକ ମହମବତୀ ରାଲି ମାଧ୍ୟମରେ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଆଶା କର୍ମୀ, ଅଙ୍ଗନବାଡ଼ି



କର୍ମୀ, ଏସଏଚଜି ସଦସ୍ୟା ଏବଂ 'ରେଡିଓ ଉତ୍କଳ'ର କର୍ମଚାରୀମାନେ ଯୋଗଦେଇଥିଲେ । ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଂ ଅନ୍ୱୟ ଅଭିନବ ସମଗ୍ର କାର୍ଯ୍ୟକ୍ରମକୁ ସୂଚାରୁରୂପେ ସଞ୍ଚାଳନା କରିଥିଲେ । ମଳୟ ଷଡ଼ଙ୍ଗୀ ଓ ସଙ୍ଗୀତା ବେହେରାଙ୍କ ସହଯୋଗରେ ଆୟୋଜିତ ଏହି ଉତ୍ସବ ଶେଷରେ ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ଓଝା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

### କଟକ ନଗର କଂଗ୍ରେସ

କଟକ ନଗର କଂଗ୍ରେସ କମିଟି ପକ୍ଷରୁ ସେଲ୍ଟର ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ମହିଳା ଦିବସ ଅତ୍ୟନ୍ତ ଆଡ଼ମ୍ବର ସହକାରେ



ପାଳିତ ହୋଇଯାଇଛି । ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟଅତିଥି ଭାବେ କହିଥିଲେ ଯେ ଆଧୁନିକ ସମାଜ ଗଠନରେ ମହିଳାଙ୍କ ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ । ଏହି ଅବସରରେ କର୍ପୋରେଟର ଭାନୁ ସେନାପତି, ଲିଜାରାଣୀ ରାଉତ ଏବଂ ସ୍ୱର୍ଣ୍ଣପ୍ରଭା ପଶାୟତ ମହିଳାଙ୍କ ସୁରକ୍ଷା ପାଇଁ ସମୂହ ପ୍ରଚେଷ୍ଟାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ଶେଷରେ ଉପସ୍ଥିତ ସମସ୍ତ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା ।

### ୱାଇଜମ୍ୟାନ କ୍ଲବ୍

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୱାଇଜମ୍ୟାନ କ୍ଲବ୍ କଟକ ତରଫରୁ ବିଡାନାସୀସ୍ଥିତ 'ବସୁନ୍ଧରା' ଅନୁଷ୍ଠାନ ପରିସରରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୨ ଜଣ ବିଶିଷ୍ଟ ମହିଳା ପ୍ରତିଭାଙ୍କୁ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । କ୍ଲବ୍‌ର ସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ନିର୍ଦ୍ଦେଶକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ମୁଖ୍ୟଅତିଥି ଏବଂ ରମାଦେବୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ତପତି ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାଙ୍କୁ




ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସାରସ୍ୱତ ଉତ୍ସବରେ ନଳିନୀ ମହାପାତ୍ରଙ୍କ ନେତୃତ୍ୱରେ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ "କଟକ ଶୁଭମସ୍ତୁ" ନାମକ ଏକ ନୂତନ 'ୱାଇଜ୍ ମିନେଟ କ୍ଲବ୍'କୁ ଶ୍ରୀ ନନ୍ଦ ଉଦ୍‌ଘାଟନ କରି ସ୍ୱୀକୃତିପତ୍ର ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ଗଭର୍ଣ୍ଣର ସତ୍ୟ ଗୋପାଳ ପରିଜା ଯୋଗଦେଇ 'ଓଡ଼ିଶା ଜିଲ୍ଲା ଡାଇରେକ୍ଟୋରି' ଉନ୍ମୋଚନ କରିଥିବା ବେଳେ ଡକ୍ଟର ସ୍ୱାତୀ ଦାସ ଶିଶୁମାନଙ୍କୁ ସାଇବର ଅପରାଧ ସମ୍ପର୍କରେ ସଚେତନ କରିଥିଲେ । ସମ୍ବର୍ଦ୍ଧିତ ପ୍ରତିଭାଙ୍କ ମଧ୍ୟରେ ଡ. ଅନୁପମା ଦାସ, ରୋଜାଲିନ ପ୍ରଧାନ, ସୁରମା ମହାନ୍ତି, ସ୍ୱୀକୃତି ସାମଲ, ଗୌରୀ ମିଶ୍ର, ଚିନ୍ମୟୀ ରାଉତ, ଜୁଲିନା ବେହେରା, ପଲ୍ଲବିତା କାନୁନଗୋ, ସନ୍ଧ୍ୟାରାଣୀ ଶତପଥୀ ଏବଂ ସରୋଜିନୀ ସାହୁ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଡ. ରାଜ ବଲ୍ଲଭ ମହାନ୍ତି, ଡ. ଶୁଭସୁଦ୍ଧା ପ୍ରିୟଦର୍ଶିନୀ, ଡ. ମିତା ଦେବତା, ତୃପ୍ତିମୟୀ ମିଶ୍ର, ଜ୍ୟୋତିରଞ୍ଜନ ସିଂହ ଓ ଅନ୍ୟାନ୍ୟ ସଭ୍ୟମାନେ ସକ୍ରିୟ ସହଯୋଗ କରିଥିଲେ ।

## ମା' ପିତାମ୍ବରୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ମାହାଙ୍ଗା, ୯।୩(ସମିସ):** ମାହାଙ୍ଗା ବ୍ଲକ କୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ବିରୂପା ନଦୀ କୂଳସ୍ଥିତ ଛୋଟିଆ ଗ୍ରାମ ମଲ୍ଲିକପୁର ଏବେ ଉତ୍ସବମୁଖର ହୋଇଉଠିଛି। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମାଆ ପିତାମ୍ବରୀଙ୍କ ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି। ବିଶ୍ୱର କଲ୍ୟାଣ ଏବଂ ଗ୍ରାମରେ ଶାନ୍ତି ଓ ସଦଭାବନା ପ୍ରତିଷ୍ଠା ଲକ୍ଷ୍ୟରେ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏହି ଧାର୍ମିକ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ତିନି ଦିନ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମରେ କଳସ ଶୋଭାଯାତ୍ରା, ମଙ୍ଗଳ ଆଳତୀ, ସୂର୍ଯ୍ୟପୂଜା, ଗୋ ପୂଜା, ଅଗ୍ନି ପୂଜା ଏବଂ ଘଟ ସ୍ଥାପନା ଆଦି ବୈଦିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ମାଆଙ୍କ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ ହୋମଯଜ୍ଞର ଆହୁତିରେ ସମଗ୍ର ଅଞ୍ଚଳରେ ଏକ ପବିତ୍ର ବାତାବରଣ ସୃଷ୍ଟି ହୋଇଛି। ମାଆଙ୍କ ଅପୂର୍ବ ଦର୍ଶନ ପାଇଁ କେବଳ ମଲ୍ଲିକପୁର ନୁହେଁ, ବରଂ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସୁଅ ଛୁଟିବାରେ ଲାଗିଛି। ଗ୍ରାମବାସୀମାନେ ଅତ୍ୟନ୍ତ ନିଷ୍ଠାର ସହ ଏହି ବାର୍ଷିକ ଉତ୍ସବ ତଥା ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

## ଡାଲମିଆ ସୁପରଲିଗ୍ ଟୁର୍ଣ୍ଣାମେଣ୍ଟ

**ଟାଙ୍ଗୀ, ୯ ।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱାଳି ସ୍ଥିତ ଡାଲମିଆ ସିମେଣ୍ଟ ଲିମିଟେଡ ପରିସର ମିନି ଷ୍ଟାଡିୟମରେ ଶ୍ରମିକଙ୍କ ମଧ୍ୟରେ ଡାଲମିଆ ସୁପରଲିଗ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି।



ମୁଖ୍ୟଅତିଥି ଭାବେ ୟୁନିଟ୍ ହେଡ ଦେବୀ ପ୍ରସାଦ ଦାସ, ସମ୍ମାନିତ ଅତିଥି ଭାବେ ଏଚଆର ହେଡ ସୁଧୀର ମହାନ୍ତି, ବୈଷୟିକ ମୁଖ୍ୟ ଜଗଦୀଶ ବରାଳ ପ୍ରମୁଖ ଯୋଗଦେଇ ବିଜେତା ଡାଲମିଆ ସିଂହ ଓ ରନର୍ସଅପ ଡାଲମିଆ ୱାରିଅର ଟିମକୁ ପୁରସ୍କାର ବଣ୍ଟନ କରିଥିଲେ। ମାନସ ରଞ୍ଜନ ପଟ୍ଟନାୟକ, ସୁନୀଲ ସାହୁ, ଶିଶିର ବେହେରା, ଅଶୋକ ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ସୌମ୍ୟରଞ୍ଜନ ହୋତା, ସଚ୍ଚିଦାନନ୍ଦ ସାହୁ ଓ ରିତେଶ ଥାନପତି ପ୍ରମୁଖ ପରିଚାଳନା କରିଥିଲେ।

## ମେଳଣ ପଡ଼ିଆ ସଫେଇ ଓ ମହିଳାଙ୍କୁ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି, ୯।୩(ସମିସ):** ପବିତ୍ର ଦୋଳ ପୂର୍ଣ୍ଣିମା ଅବସରରେ ବଡକ୍ଷୀର ପଂଚାୟତ ମା' ବିଂଶଭୂଜା ପୀଠରେ ବରଧାରୀ ମେଳଣ ଅନୁଷ୍ଠିତ ହୋଇଥିଲା। ଦୋଳଯାତ୍ରା ପରେ ମେଳଣ ପଡିଆରେ ପଡି ରହିଥିବା କୁଢ କୁଢ ଅଳିଆ ଆବର୍ଜନାକୁ ସେବା ସମର୍ପଣ ଅନୁଷ୍ଠାନ ପକ୍ଷରୁ ସଫେଇ କରାଯାଇଛି। ସମାଜସେବୀ ପ୍ରତାପ କୁମାର ସିଂଙ୍କ ସଂଯୋଜନାରେ ଏହି ଅଞ୍ଚଳରେ ବହୁ ମହିଳା ଓ ପୁରୁଷମାନେ ଏହି ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରିବେଶବିତ୍ ପ୍ରମୋଦ ଦାଶଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ମେଳଣ କମିଟିର ସଭାପତି ଶ୍ରୀନିବାସ ସ୍ୱାଇଁ, ସଭ୍ୟ ସନ୍ତୋଷ ସ୍ୱାଇଁ, ମନୋଜ ସ୍ୱାଇଁ, ଶଙ୍କର୍ଷଣ ସ୍ୱାଇଁ, କୁଳମଣି ସାହୁ, ଭାଗ୍ୟଧର ରଣା ପ୍ରମୁଖ ଯୋଗଦେଇଥିଲେ। ନାରୀନେତ୍ରୀ ଅମ୍ରିତା ସିଂହଙ୍କ ନେତୃତ୍ୱରେ ଅଞ୍ଜନା ଶତପଥୀ, ଦେବରୂପା କର, ରଶ୍ମିରେଖା ମହାପାତ୍ର, କୃତିରାଣୀ ମାହାଳୀ, କେତେକୀ ବେହେରା, ବିଦ୍ୟୁତଲତା ସ୍ୱାଇଁ, ସବିତା ସାହୁ, ଗାୟତ୍ରୀ ଗାହାଣ, ଲକ୍ଷ୍ମୀପ୍ରିୟା ବସ୍ତିଆ, ନମିତା ରାଉଳ, ସୁଲୋଚନା କୁଅଁର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଢଳେଇ ରାସ୍ତା ନିର୍ମାଣ ନିମ୍ନମାନର

● ସ୍ଥାୟିତ୍ୱ ନେଇ ସନ୍ଦେହ

**ନିଶ୍ଚିନ୍ତକୋଇଲି, ୯।୩(ସମିସ):** ଅସୁରେଶ୍ୱର ପଞ୍ଚାୟତରେ ବ୍ଲକ ପ୍ରଶାସନ ତରଫରୁ ନିର୍ମାଣ କରାଯାଉଥିବା ଢଳେଇ ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାର ଅଭିଯୋଗ ହୋଇଛି। ଫଳରେ ଏହି ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ପଞ୍ଚାୟତ କେନାଲ ବନ୍ଧଠାରୁ ଚଣ୍ଡିପ୍ରସାଦ ମହାନ୍ତିଙ୍କ ଘର ପର୍ଯ୍ୟନ୍ତ କୁଳଗାଁଇଶାଳୋ ଗ୍ରାମରେ ଢଳେଇ ରାସ୍ତା ନିର୍ମାଣ ନିମନ୍ତେ ସରକାର ୫ମ ଏସଏଫସି(ଜିଆଏ) ଯୋଜନାରେ ୧ଲକ୍ଷ ୪୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିଲେ। ବିଭାଗୀୟ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ରାସ୍ତା ନିର୍ମାଣ ଅଟକଳ ଅନୁଯାୟୀ କରାଯାଇ ନ ଥିବାର ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ ଏହାର ତଦନ୍ତ ଦାବି ହୋଇଛି।

### ନରସିଂହପୁରରେ ମଣ୍ଡି ଅବ୍ୟବସ୍ଥା

# ଟୋକନ୍ ଥାଇ ବିକ୍ରି ହୋଇପାରୁନି ଧାନ

**ନରସିଂହପୁର, ୯।୩(ସମିସ):**



● ଚାଷୀଙ୍କ ଆନ୍ଦୋଳନ ଚେତାବନୀ

● ବୋନସ୍ ଟଙ୍କା ପାଇଁ ଚାଷୀଙ୍କ ଅପେକ୍ଷା

ସରକାରୀ ନିୟନ୍ତ୍ରଣ ବାହାରେ ମଣ୍ଡି ପରିଚାଳନା ଯୋଗୁଁ ନରସିଂହପୁର ବ୍ଲକରେ ଧାନ ବିକ୍ରି ଏବେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ନାମ ପଞ୍ଜୀକରଣ କରିଥିବା ଚାଷୀଙ୍କ ସଂଖ୍ୟା ୭୩୩ ବୃଦ୍ଧି ପାଇ ୬,୧୭୭ରେ ପହଞ୍ଚିଥିଲେ ହେଁ, ଧାନ କ୍ରୟ ଟାର୍ଗେଟ୍‌ରେ ବ୍ୟାପକ ହ୍ରାସ ଘଟିଛି। ଗତ ବର୍ଷ ପ୍ରାୟ ୧ ଲକ୍ଷ ୫୦ ହଜାର କୁଇଣ୍ଟାଲ୍ ଧାନ କ୍ରୟ ପାଇଁ ଟାର୍ଗେଟ୍ ଥିବା ବେଳେ ଚଳିତ ବର୍ଷ ଏହା ମାତ୍ର ୧ ଲକ୍ଷ ୨ ହଜାର କୁଇଣ୍ଟାଲକୁ ଖସି ଆସିଛି। ଫଳରେ ଫେବୃଆରୀ ଶେଷ ସୁଦ୍ଧା ୯୮ ହଜାର କୁଇଣ୍ଟାଲ୍ ଧାନ କ୍ରୟ ହୋଇଥିଲେ ମଧ୍ୟ ଏବେ ବି ପ୍ରାୟ ୪୦ ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ମଣ୍ଡିରୁ ଉଠିପାରୁନାହିଁ। ଟୋକନ୍ ପାଇଥିବା ଚାଷୀମାନେ ମଣ୍ଡିରେ ଧାନ ଧରି ବସି ରହିଥିଲେ ହେଁ, ଟୋକନ୍ ଅବଧି ଶେଷ ହେବାକୁ ବସିଲାଣି। ମିଲରମାନେ ଧାନ ଉଠାଇବାରେ ଅବହେଳା କରୁଥିବାରୁ ଚାଷୀମାନେ ଅସହାୟ ହୋଇପଡ଼ିଛନ୍ତି। ଏହାର ସୁଯୋଗ ନେଇ କିଛି ବେପାରୀ ଚାଷୀଙ୍କ ଠାରୁ ମାତ୍ର ୧୫୦୦ରୁ ୧୭୦୦ ଟଙ୍କା ଭଳି ଶସ୍ତା ଦରରେ ଧାନ କିଣୁଥିବା ଅଭିଯୋଗ ହେଉଛି। ଅପରପକ୍ଷରେ, ଚଳିତ ବର୍ଷ ବୋନସ୍ ରାଶି ୮୦୦ ଟଙ୍କା ବଦଳରେ ୭୩୧ ଟଙ୍କାକୁ କମିଯାଇଥିବା ବେଳେ ଗତ ଏକ ସପ୍ତାହ ହେଲା ଏହି ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାକୁ ଠିକ୍ ଭାବେ ଆସୁନାହିଁ, ଯାହା ଚାଷୀଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ମଣ୍ଡିରେ ବଢୁଥିବା ଅବ୍ୟବସ୍ଥା ଓ ପ୍ରଶାସନିକ ନିରବତା ବିରୋଧରେ ଏବେ ଚାଷୀକୁଳ ସଂଗଠିତ ହେଲେଣି। ଚମ୍ପେଶ୍ୱର ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଚାଷୀ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ଓ ରାଜ୍ୟସ୍ତରୀୟ ଜନପ୍ରତିନିଧିଙ୍କୁ ଲିଖିତ ଭାବେ ଚେତାବନୀ ଦେଇଛନ୍ତି। ଯଦି ତୁରନ୍ତ ମଣ୍ଡିରୁ ବଳକା ଧାନ କିଣା ନ ଯାଏ, ତେବେ ଚାଷୀମାନେ "ଆଇନ ଅମାନ୍ୟ' ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେବେ ବୋଲି ସ୍ପଷ୍ଟ କରିଛନ୍ତି। ସରକାର ଏହି ସମ୍ବେଦନଶୀଳ ଘଟଣାରେ ହସ୍ତକ୍ଷେପ କରି ଧାନ ଉଠାଇବା ପାଇଁ ଅତିରିକ୍ତ ଟାର୍ଗେଟ୍ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

## ଆଞ୍ଚଳିକ ସାଧନ କେନ୍ଦ୍ରର ଶୈକ୍ଷିକ ଆଲୋଚନାଚକ୍ର

**ତିଗିରିଆ, ୯।୩(ସମିସ):** ତିଗିରିଆ ବ୍ଲକ ପାଞ୍ଚ ଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ଏକ ଆଲୋଚନାଚକ୍ର ଚେମେଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବିଡ଼ି ଶ୍ରମିକ ବିଦ୍ୟାନିକେତନ ପ୍ରଧାନଶିକ୍ଷକ ଇନ୍ଦ୍ରମଣି ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ ଘଡେଇ ସଂଯୋଜନା କରି ଚଳିତ ଶିକ୍ଷାବର୍ଷର ସମାପ୍ତି ସୂଚକ ମୂଲ୍ୟାଙ୍କନର ଲିଖିତ ପରୀକ୍ଷା ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଏବଂ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ପରୀକ୍ଷାକୁ ସରକାର ଅଧିକ ଗୁରୁତ୍ୱ ଦେଇ ଏହାର ନିର୍ଦ୍ଦେଶିକା ଜାରି କରିଛନ୍ତି। ଏହାର ସଫଳ ରୂପାୟନ ସମ୍ବନ୍ଧରେ ଆଲୋଚନା କରାଗଲା। ପ୍ରାରମ୍ଭରେ ନୂତନ ଭାବେ ମାଧ୍ୟମିକ ବିଦ୍ୟାଳୟର ନୋଡାଲ ପ୍ରଧାନଶିକ୍ଷକ ଭାବେ ମନୋନୀତ ହୋଇଥିବା କ୍ଲଷ୍ଟରର ତଥା ଦଧିବାମନଜୀୟୁ ବିଦ୍ୟାପୀଠ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ବିଶ୍ୱାଳଙ୍କୁ କ୍ଲଷ୍ଟର ପକ୍ଷରୁ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ଶ୍ରୀ ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ ଏବଂ କ୍ଲଷ୍ଟରର ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକଚନ୍ଦ୍ର ସାହୁଙ୍କୁ ମଧ୍ୟ କ୍ଲଷ୍ଟର ପକ୍ଷରୁ ଶ୍ରୀ ବିଶ୍ୱାଳ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥିଭାବେ ପୁର୍ବତନ କ୍ଲଷ୍ଟର ସଂଯୋଜକ ଚନ୍ଦ୍ରକାନ୍ତ ମିଶ୍ର ଯୋଗଦେଇଥିବା ବେଳେ କ୍ଲଷ୍ଟର ସମସ୍ତ ପ୍ରଧାନଶିକ୍ଷକ ଅମୂଲ୍ୟ ସାହୁ, ଅବିନାଶ ଦାଶ, ଅକ୍ଷୟ ପ୍ରଧାନ, ରତ୍ନାକର ବେହେରା, ରମେଶ ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶିକ୍ଷକ ରାଜେଶ ପଣ୍ଡା ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।



## ମା'ବୁଢ଼ୀ ମଙ୍ଗଳାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଶେଷ



**କଟକ, ୯।୩(ସମିସ):** କଟକ ସଦର ଥାନା ଅଧୀନ ବାଲିକୁଦା ମା'ବୁଢୀ ମଙ୍ଗଳା ନାଗରିକ ପୂଜା କମିଟି ରଜକ ସାହିରେ ଥିବା ଆରାଧ୍ୟାଦେବୀ ମା'ବୁଢୀ ମଙ୍ଗଳାଙ୍କ ନିକଟରେ ବିଶ୍ୱର ମଙ୍ଗଳ ପାଇଁ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ ହୋଇଯାଇଛି। ଦୀର୍ଘ ତିନିଦିନ ଧରି ଚାଲିଥିବା ଏହି ମହାଯଜ୍ଞରେ ଆଖପାଖ ଅଞ୍ଚଳରୁ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରତ୍ୟେକ ଦିନ ଯଜ୍ଞ ସରିବା ପରେ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମର କମିଟିର ସଭାପତି ନିରଞ୍ଜନ ସେଠି, ସମ୍ପାଦକ ଆକାଶ ସେଠି, ଲିପୁନା ସେଠି, ଚନ୍ଦନ ସେଠି, ଗୁଡୁ ସେଠି, ପପୁନି ସେଠି, ବାଦଲ ସେଠି, ବିବେକ ସେଠି, ବିଶାଲ ସେଠି, ଅଭିମନ୍ୟୁ ସେଠି, ପଞ୍ଚୁଆ ସେଠି, ସାଗର ବେହେରା, ମୁନା ବେହେରା, ସୁଶିଲ ବେହେରା, ପପୁ ବେହେରା, ବିଜୁ ବେହେରାଙ୍କ ସମେତ ଗ୍ରାମର ସମସ୍ତ ଯୁବକ ଓ ମୁରବିମାନେ ସହଯୋଗ କରିଥିଲେ।

## ୧୧ରୁ ବାଟମଙ୍ଗଳାଙ୍କ ବାର୍ଷିକ ଉତ୍ସବ

**କଟକ, ୯।୩(ସମିସ):** କଟକ ମହାନଗର ନିଗମ ୫୭ନମ୍ବର ୱାର୍ଡ ଅନ୍ତର୍ଗତ ଶ୍ରୀକୋରୁଆଁ ଠାରେ ଥିବା ମା'ବୁଢୀ ମଙ୍ଗଳାଙ୍କ ଅଷ୍ଟତମ ବାର୍ଷିକଉତ୍ସବ ଆସନ୍ତା ୧୧ରୁ ଆରମ୍ଭ ହେବାକୁ ଯାଉଛି। ଦୁଇଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିବସରେ ଅଧିବାସ, କଳସ ଶୋଭାଯାତ୍ରା ଓ ସହିଦ ଯବାନଙ୍କ ନିମନ୍ତେ ମା'ଙ୍କ ନିକଟରେ ହଜାରେ ଏକ ଦ୍ୱିପଦାନ କରିବାର ବ୍ୟବସ୍ଥା କରାଯାଇଛି। ସେହିଭଳି ଦ୍ୱିତୀୟ ଦିବସରେ ସୂର୍ଯ୍ୟପୂଜା, ମହାସ୍ନାନ, ଯଜ୍ଞ, ଚଣ୍ଡୀପାଠ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ବିଶିଷ୍ଟ ପ୍ରବଚକଙ୍କ ଦ୍ୱାରା ପ୍ରବଚନର କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଥିବାବେଳେ ଦ୍ୱିତୀୟ ଦିବସରେ ସୂର୍ଯ୍ୟପୂଜା, ମହାସ୍ନାନ, ଅଗ୍ନିସ୍ଥାପନ, ଯଜ୍ଞ, ଚଣ୍ଡୀପାଠ, ପୂର୍ଣ୍ଣାହୁତି ଓ ଶେଷରେ ସମ୍ବର୍ଦ୍ଧନା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀକୋରୁଆଁ ବାଟମଙ୍ଗଳା ପୂଜା କମିଟି ତରଫରୁ ସୂଚନା ଦିଆଯାଇଛି।

## ଉଦ୍‌ଘାଟନ ପରେ ଶୌଚାଳୟରେ ଝୁଲୁଛି ତାଲା

● କିଶନନଗର ହାଟରେ ବେପାରୀ ଓ ଖାଉଟି ହନ୍ତସନ୍ତ

**କିଶନନଗର, ୯।୩(ସମିସ):** କଟକ ସଦର ଅନ୍ତର୍ଗତ ପୁରାତନ କିଶନନଗର ହାଟରେ ଜନସାଧାରଣଙ୍କ ସୁବିଧା ପାଇଁ ନିର୍ମିତ ସମୂହ ଶୌଚାଳୟ ଏବେ ଅଦରକାରୀ ହୋଇ ପଡ଼ିରହିଛି। ବେପାରୀ ଓ ଖାଉଟିମାନଙ୍କ ସୁବିଧା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ଶୌଚାଳୟ ନିର୍ମାଣ କରାଯାଇଥିଲା। ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ମଧ୍ୟ ସେହିଦିନଠାରୁ ଏଥିରେ ତାଲା ଝୁଲୁଛି। ହାଟକୁ ଦୈନିକ ହଜାର ହଜାର ଲୋକ ଆସୁଥିବା ବେଳେ ବ୍ୟବସାୟୀ ଏବଂ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳାମାନଙ୍କ ପାଇଁ ଏହା ଏକ ବଡ଼ ସମସ୍ୟା ହୋଇଛି। ଉଦ୍‌ଘାଟନ ଦିନଠାରୁ ଶୌଚାଳୟ ବନ୍ଦ ରହିବା କାହା ସ୍ୱାର୍ଥରେ? ବୋଲି ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଏହି ସମସ୍ୟାର ତୁରନ୍ତ ସମାଧାନ କରି ଶୌଚାଳୟକୁ ଜନସାଧାରଣଙ୍କ ବ୍ୟବହାର ପାଇଁ ଖୋଲା ରଖିବାକୁ ସାଧାରଣରେ ଜୋରଦାର ଦାବି ହେଉଛି।




## ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କର୍ମଶାଳା

**କନ୍ଦରପୁର, ୯।୩(ସମିସ):** କଟକ ସଦର ଅନ୍ତର୍ଗତ ପରମହଂସଠାରେ ଆଜି ସଦର ବ୍ଲକସ୍ତରୀୟ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କନ୍ଦରପୁର ମଣ୍ଡଳ ବିଜେପି ସଭାପତି ନିରଞ୍ଜନ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ବ୍ଲକ ଆତ୍ମା ସଭାପତି ରମାପ୍ରସାଦ ବିଶ୍ୱାଳ, ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ, ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ଓୟୁଏଟିର ପୂର୍ବତନ ପ୍ରଫେସର ଦେବବ୍ରତ ପାଣିଗ୍ରାହୀ, ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶିକା ଡ. ମନୀଷା ରାଉତ, ବିଜେପି ମହିଳା ମୋର୍ଚ୍ଚା ସଭାପତି ଲକ୍ଷ୍ମୀପ୍ରିୟା ସ୍ୱାଇଁ, କିଶନନଗର ବିଜେପି ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳା ପରିଚାଳନାରେ ବ୍ଲକ ଉଦ୍ୟାନ କୃଷି ଅଧିକାରିଣୀ ପଦ୍ମିନୀ ବଳଙ୍କ ସମେତ ଲକ୍ଷ୍ମୀଧର ରାଉତ, ଦୀନବନ୍ଧୁ ବେହେରା, ରାଧାମୋହନ ମହଲା ପ୍ରମୁଖ ସହାୟତା କରିଥିଲେ। ସୁରେଶ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।



## ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

● ୪୧ ଅଭିଯୋଗ ପଞ୍ଜିକୃତ

**କିଶନନଗର, ୯।୩(ସମିସ):** କଟକ ସଦର ଅନ୍ତର୍ଗତ କିଶନନଗର ତହସିଲଠାରେ ସୋମବାର କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ୍ ସିନ୍ଧେଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଚାର ପ୍ରସାର ଅଭାବରୁ ଅଭିଯୋଗକାରୀଙ୍କ ଉପସ୍ଥିତି ନୈରାଶ୍ୟଜନକ ଥିବା ବେଳେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସଂଖ୍ୟା ଅଧିକ ଥିବା ଦେଖାଯାଇଥିବା ବେଳେ ପ୍ରଚାର ପ୍ରସାର ପାଇଁ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ତହସିଲଦାର ଉପେକ୍ଷା କରୁଥିବାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ମାତ୍ର ୧୫ ରୁ ୩୦ ମିନିଟ୍ ଶିବିରରେ ରହି ଚାଲିଯାଇଥିଲେ। ଶିବିରରେ ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କଟକ ସଦର ବିଡିଓ ପ୍ରତୀକ ସାହୁ, ସାଲେପୁର ବିଡିଓ ଲୋପାମୁଦ୍ରା ନାୟକଙ୍କ ସମେତ କୃଷି, ଶିକ୍ଷା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସଂପଦ, ପାନୀୟ ଜଳ ଯୋଗାଣ, ପୁଲିସ, ଯୋଗାଣ, ପରିମଳ, ପଶୁ ସଂପଦ, ବିଦ୍ୟୁତ୍, ଜଙ୍ଗଲ ପ୍ରଭୃତି ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇଥିଲେ। ଶିବିର ପରିଚାଳନାରେ ତହସିଲଦାର ତଥା ଉପ ନିବନ୍ଧକ କ୍ଷୀରୋଦ ଦାଶ, ଅତିରିକ୍ତ ତହସିଲଦାର ଜ୍ୟୋତିରଞ୍ଜନ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ସହାୟତା କରିଥିଲେ। ଶିବିରରେ ୪୧ ଅଭିଯୋଗ ପଞ୍ଜିକୃତ ହୋଇଥିବା ଜଣାପଡିଛି।



## ବକ୍ର ପାଦ ପରିଚାଳନା ଓ ପ୍ରଶିକ୍ଷଣ ଶିବିର




**କଣ୍ଟାପଡା, ୯।୩(ସମିସ):** କଟକ ଜିଲ୍ଲା ଓଲଟପୁରସ୍ଥିତ ଏସ୍‌ଭି ନିରତାରରେ ୧୬୫ତମ ରାଜ୍ୟସ୍ତରୀୟ ପୋନସେଟି ପଦ୍ଧତି ଦ୍ୱାରା ବକ୍ର ପାଦ ପରିଚାଳନା ବିଷୟବସ୍ତୁ ଉପରେ ଏକ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଡାକ୍ତରମାନେ ଏହି କର୍ମଶାଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମୁମ୍ବାଇସ୍ଥିତ ଲୋକମାନ୍ୟ ତିଲକ ମ୍ୟୁନିସିପାଲ ମେଡିକାଲ କଲେଜ ଓ ଜେନେରାଲ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର ବିନୋଡି ସେଠ୍ ଏଥିରେ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ପ୍ରଫେସର ସେଠ୍ ବକ୍ର ପାଦର ପ୍ରାରମ୍ଭିକ ଚିହ୍ନଟ ଏବଂ ପ୍ରଭାବଶାଳୀ ଚିକିତ୍ସା ଉପରେ ମୂଲ୍ୟବାନ ବୈଷୟିକ ପରାମର୍ଶ ଏବଂ ବ୍ୟବହାରିକ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହି ଅବସରରେ ଦୁଇଟି ଦେୟମୁକ୍ତ ହେଲ୍ପଲାଇନ ଜାରି କରାଯାଇଥିଲା।

## ପଞ୍ଚୁ ଦୋଳ ଓ ହୋଲି ଉତ୍ସବ ଉଦ୍‌ଯାପିତ



**ଆଠଗଡ଼, ୯।୩(ସମିସ):**

ଆଠଗଡ଼ ପ୍ରସିଦ୍ଧ ପଞ୍ଚୁ ଦୋଳ ଏବଂ ହୋଲି ଉତ୍ସବ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି। ଗତକାଲି ରାତିରେ ପଞ୍ଚୁ ଦୋଳରେ ଭାଗ ନେଇଥିବା ୫୪ଟି ବିମାନ ଆଜି ସକାଳୁ ଶୋଭାଯାତ୍ରାରେ ଯଜ୍ଞ ନାରାୟଣ ମନ୍ଦିରରେ ଏକତ୍ରିତ ହୋଇ ପନ୍ତି ଭୋଗ ଲାଗି ହୋଇଥିଲା। ବିମାନମାନଙ୍କୁ ମେଲାଣି ବିଦାକି ପରେ ହୋଲି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଠଗଡ ସହରର ଜନସାଧାରଣ ଫଗୁ ଅବିରରେ ହୋଲି ଖେଳିବା ସହିତ ବିଭିନ୍ନ ସଂଗଠନ ପକ୍ଷରୁ ମଧ୍ୟ ଏହି ଉତ୍ସବ ପାଳନ କରାଯାଇଥିଲା। କଟକ ଜିଲ୍ଲା ବିଜେପି ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି, ଜିଲ୍ଲା ମହିଳା ବିଜେପି ଉପ ସଭାନେତ୍ରୀ ଇଲା ପଣ୍ଡାଙ୍କ ସହିତ ଅନ୍ୟାନ୍ୟ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଭାଇଚାରାର ପର୍ବ ହୋଲି ଉତ୍ସବ ପାଳନ କରିଥିଲେ। ସେହିପରି ଆଠଗଡ଼ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗ୍ରାଜୁଏଟସ କ୍ଲବ, ଲକ୍ଷ୍ମୀ ବଜାର, ସ୍ୱପ୍ନେଶ୍ୱର ବଜାର, ଚାନ୍ଦବାଲି ଛକ ବଜାର, ରଘୁନାଥ ବଜାର, ଦୁର୍ଗା ବଜାର ଜଗନ୍ନାଥ ବଜାର ସମେତ ବିଭିନ୍ନ ସାହି ବସ୍ତିରେ ଶୃଙ୍ଖଳାର ସହିତ ଏହି ହୋଲି ଉତ୍ସବ ପାଳିତ ହୋଇଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଠଗଡ଼ ଥାନାଧିକାରୀ ସୁମତି ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଛକ ବଜାର ଏବଂ ସାହି ବସ୍ତିରେ ପୁଲିସ ମୁତୟନ କରାଯାଇଥିଲା।

## ବ୍ରହ୍ମାଣୀ ଦେବୀଙ୍କ ପୀଠରେ ପଞ୍ଚୁଦୋଳ ମେଳଣ

**ଟାଙ୍ଗୀ, ୯ ।୩(ସମିସ):** ନପଙ୍ଗ ପଞ୍ଚାୟତ କେଶରପୁର ମୌଜାରେ ସ୍ଥାପିତ ମା' ବ୍ରହ୍ମାଣୀ ଦେବୀଙ୍କ ପୀଠରେ ୪୦ତମ ପଞ୍ଚୁଦୋଳ ମେଳଣ ରବିବାର ରାତିରୁ ଆରମ୍ଭ ହୋଇ ସୋମବାର ଅପରାହ୍ନରେ ଉଦଯାପିତ ହୋଇଛି। ମା' ବ୍ରହ୍ମାଣୀ ଦେବୀ ମେଳଣ କମିଟି ନିମନ୍ତ୍ରଣ କ୍ରମେ କେଶରପୁରସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉ ଥାନପତିଙ୍କ ସହ ରାଧାମୋହନଜୀଉ, ସାଇଁଟୋ ଗ୍ରାମର ରାଧାକୃଷ୍ଣ, ଇଟୁଆ ଗ୍ରାମର ଶ୍ୟାମସୁନ୍ଦର ଓ ରାଧାକୃଷ୍ଣ ଏବଂ ନିର୍ଗୁଣ୍ଡିର ରାଧାକୃଷ୍ଣଙ୍କୁ ମିଶାଇ ମୋଟ ୬ଟି ବିମାନ ମେଳଣ ପଡ଼ିଆକୁ ବିଜେ କରିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ କମିଟି ପକ୍ଷରୁ ସମସ୍ତ ବିମାନକୁ ଲଡୁ ହାଣ୍ଡି, ବିମାନ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା ସହ ବିଦାୟୀ ପ୍ରଦାନ କରାଯାଇଥିଲା। ଆଖପାଖ ୬ଟି ଗ୍ରାମର ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ମେଳଣ ପରିଚାଳିତ ହେଉଥିବାବେଳେ ଉଦ୍ୟୋଗପତି କୀର୍ତ୍ତନାନନ୍ଦ ପଣ୍ଡା ପୃଷ୍ଠପୋଷକତା କରିଥିଲେ। ମେଳଣ କମିଟି ସଭାପତି ଲିଙ୍ଗରାଜ ବଳ, ସମ୍ପାଦକ ପ୍ରଦୀପ୍ତ କୁମାର ସ୍ୱାଇଁ, ସଭ୍ୟ ରମେଶ ଚନ୍ଦ୍ର ମୁଦୁଲି, ସୁରେନ୍ଦ୍ର ଭୂୟାଁ ଓ ଗିରିଜା ଶଙ୍କର ପ୍ରତାପ ପ୍ରମୁଖ ସମସ୍ତ ସଦସ୍ୟ ଉପସ୍ଥିତ ରହି ମେଳଣ ପରିଚାଳନାରେ ସହାୟତା କରିଥିଲେ। ଉଭୟ ନପଙ୍ଗ ଓ ହରିଅନ୍ତା ପଞ୍ଚାୟତର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମେତ ମଙ୍ଗୁଳି-ନିର୍ଗୁଣ୍ଡି ଅଞ୍ଚଳରେ ଗଢ଼ି ଉଠିଥିବା ବହୁ ଶିକ୍ଷାନୁଷ୍ଠାନ କର୍ମକର୍ତ୍ତା ମେଳଣରେ ସାମିଲ ହୋଇଥିଲେ।



## ବୁଲିଲା ପ୍ରଶାସନର ବୁଲ୍‌ଡୋଜର

# କେନାଲ ବନ୍ଧରୁ ହଟିଲା ମନ୍ଦିର ଓ ଘର

**ନିଶ୍ଚିନ୍ତକୋଇଲି, ୯।୩(ସମିସ)**



ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ପକ୍ଷରୁ ଅଞ୍ଚଳର ୮ ନଂ କେନାଲରୁ ବାହାରିଥିବା ଶାଖା କେନାଲ ବନ୍ଧକୁ ଜବରଦଖଲମୁକ୍ତ କରିବା ପାଇଁ ଏକ ବଡ଼ଧରଣର ଅଭିଯାନ ଆରମ୍ଭ ହୋଇଛି। ଅତିରିକ୍ତ ତହସିଲଦାର ଶିବୁରାମ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏବଂ ଜଳସେଚନ ବିଭାଗ ଓ ପୁଲିସ ପ୍ରଶାସନର ମିଳିତ ସହଯୋଗରେ ଏହି ଉଚ୍ଛେଦ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ସମ୍ପାଦିତ ହୋଇଛି। ନିଶ୍ଚିନ୍ତକୋଇଲି ବଜାର ମଧ୍ୟ ଦେଇ ଯାଇଥିବା ଏହି କେନାଲ ପାର୍ଶ୍ୱରେ ଦୀର୍ଘ ଦିନ ଧରି ରହିଥିବା ଆଖଣ୍ଡଳମଣି ମନ୍ଦିରକୁ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ଏହାସହିତ ଅହମ୍ମଦ ବକ୍ସ ସ୍କୁଲ ପର୍ଯ୍ୟନ୍ତ ଯାଇଥିବା ଉପ ଶାଖା କେନାଲ ବନ୍ଧରେ ଘର କରି ରହିଥିବା ବାଇଧର ବେହେରା ଓ ଗୋଲେଖ ପରିଡ଼ାଙ୍କ ବାସଗୃହକୁ ମଧ୍ୟ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ପୂର୍ବରୁ ରାଜସ୍ୱ ବିଭାଗ ପକ୍ଷରୁ ଜଳସେଚନ ବିଭାଗର ଜମିକୁ ସଠିକ୍ ଭାବେ ମାପଚୁପ କରାଯାଇ ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ କିଛି ଘର ଭଙ୍ଗାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ କାର୍ଯ୍ୟାଳୟ, ବିଜୁ ମାର୍କେଟ କମ୍ପ୍ଲେକ୍ସ, ମହାବୀର କ୍ଲବ ଏବଂ ଅନେକ ବେସରକାରୀ ଦୋକାନ ଘରକୁ ଉଚ୍ଛେଦ କରାଯିବାର ଯୋଜନା ରହିଛି।

**▶▶ ଜବରଦଖଲକାରୀଙ୍କ ମଧ୍ୟରେ କୋକୁଆ ଭୟ**
**▶▶ ୮ ନଂ ଶାଖା କେନାଲର ହେବ କାୟାକଳ୍ପ ପରିବର୍ତ୍ତନ**

ଏଥିପାଇଁ ତହସିଲ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକୁ ପୂର୍ବରୁ ନୋଟିସ ଜାରି କରାଯାଇଛି। ପ୍ରଶାସନର ଏହି କଠୋର ଆଭିମୁଖ୍ୟ ଯୋଗୁଁ ଅନ୍ୟ ଜବରଦଖଲକାରୀଙ୍କ ମଧ୍ୟରେ ଏବେ ଛନକା ପଶିଛି। ଏହି ଉଚ୍ଛେଦ ଅଭିଯାନ ପଛରେ କେନାଲକୁ କଂକ୍ରିଟ ଲାଇନିଂ କରିବା ସହିତ ରାସ୍ତା ପ୍ରଶସ୍ତିକରଣ କରିବାର ମହତ୍ ଉଦ୍ଦେଶ୍ୟ ରହିଛି, ଯାହାକୁ ସାଧାରଣ ଜନତା ସ୍ୱାଗତ କରିଛନ୍ତି। ମାତ୍ର ଦୀର୍ଘ ଦିନ ଧରି ଏହି ସ୍ଥାନରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା କ୍ଷୁଦ୍ର ବ୍ୟବସାୟୀ ଓ ଗରିବ ଲୋକଙ୍କୁ ବିନା ଥଇଥାନରେ ହଠାତ୍ ଉଚ୍ଛେଦ କରାଯାଉଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ମଧ୍ୟ ଦେଖାଦେଇଛି। କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ପ୍ରଶାସନ ସହଯୋଗ କରିବା ସହ ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ପ୍ରଶାସନିକସ୍ତରରେ ଏହି ପ୍ରକ୍ରିୟା ଆଗକୁ ଆହୁରି ଜୋରଦାର ହେବ ବୋଲି ସଙ୍କେତ ମିଳିଛି।

## ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ଦାବି



**ସାଲେପୁର, ୯।୩(ସମିସ):** ବର୍ଷ ବର୍ଷ ଧରି କେତେକ ପ୍ରଭାବଶାଳୀ ଲୋକ ଗୋଚର ଜମିକୁ ଜବରଦଖଲ କରି ସ୍ଥାୟୀ ଗୃହ ନିର୍ମାଣ କରିଥିବାରୁ ଗୋରୁଗାଈ ଚରିବାରେ ବ୍ୟାଘାତ ଉପୁଜୁଛି। ସରକାରୀ ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଆଜି ଶତାଧିକ ଗ୍ରାମବାସୀ ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସାଲେପୁର ତହସିଲ ଅନ୍ତର୍ଗତ ଜାଗୁଳାଇପଡ଼ା ରାଜସ୍ୱ ସର୍କଲ ଅଧୀନସ୍ଥ ମହନାପୁର ଗ୍ରାମରେ ଥିବା ପ୍ଲଟ୍ ନଂ-୬୮୧, ୯୨୪ ଗୋଚର ଜମିକୁ ଏହି ଅଞ୍ଚଳର କେତେକ ପ୍ରଭାବଶାଳୀ ଲୋକ ବର୍ଷ ବର୍ଷ ଧରି ଜବରଦଖଲ କରି ରଖିବା ସହ ଏହି ଜମିରେ ସ୍ଥାୟୀ ନିର୍ମାଣ କରିଛନ୍ତି। ଏକର ଏକର ଗୋଚର ଜମିକୁ ଜବରଦଖଲମୁକ୍ତ କରିବା ପାଇଁ ଆଜି ଏହି ଅଞ୍ଚଳର ବହୁ ଗ୍ରାମବାସୀ ସାଲେପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟିଦେଇ ଜବରଦଖଲକାରୀଙ୍କ କବଜାରେ ଥିବା ଗୋଚର ଜମିକୁ ତୁରନ୍ତ ଜବରଦଖଲ ମୁକ୍ତ କରିବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଆଠଗଡ଼, ୯।୩(ସମିସ):** ଗତକାଲି ବିଳମ୍ବିତ ରାତିରେ ଆଠଗଡ଼ ନିକଟସ୍ଥ ରାଧାଗୋବିନ୍ଦପୁର ପେଟ୍ରୋଲ ପମ୍ପ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଉଛନ୍ତି ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ହେମମାଳପୁରର ଟିକିନା ଓରଫ୍ ବିଶ୍ୱଭୂଷଣ ଦଳେଇ। ସେ ନିଜର ମୋଟର ସାଇକଲ ନଂ ଓଡି -୦୬-ଡି-୩୦୭୫ ଯୋଗେ ଆଠଗଡ଼ ଆଡ଼କୁ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେବା ପରେ ସ୍ଥାନୀୟ ଲୋକ ତାଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ସାଙ୍ଗରେ ଆସୁଥିବା ଅନ୍ୟ ଜଣେ ଯୁବକ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଆଠଗଡ଼ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିବା ସହିତ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ଏନ୍‌ଟିଏସ୍ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

## ମଧୁଶାସନ ଓ ନିଶ୍ଚିନ୍ତକୋଇଲି ଚାମ୍ପିଅନ




**ନିଶ୍ଚିନ୍ତକୋଇଲି, ୯।୩(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଖେଳପଡ଼ିଆଠାରେ ନଗେନ୍ ଦାସ, ତରୁଣ ସିହ୍ନା ଓ ସରଶ ମହାନ୍ତି (ଏନ୍‌ଟିଏସ୍) ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୩୨ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ନତକାଇ ଓ ନିଶ୍ଚିନ୍ତକୋଇଲି କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୧୨ ଓଭର ଖେଳରେ ନତକାଇ କ୍ରିକେଟ୍ ଟିମ୍ ୯ ଓଭରରେ ୧୩୪ ରନ୍ ସଂଗ୍ରହ କରିଥିବା ବେଳେ ନିଶ୍ଚିନ୍ତକୋଇଲି କ୍ରିକେଟ୍ ଟିମ୍ ଏହାର ଜବାବରେ ମାତ୍ର ୯ ଓଭରରେ ୧୩୫ ରନ୍ ସଂଗ୍ରହ କରି ଚାମ୍ପିଅନ ଟ୍ରଫି ହାସଲ କରିଥିଲା। ସେହିପରି ଦ୍ୱିତୀୟ ଫାଇନାଲ ମ୍ୟାଚ୍ ଗୋତରା ଓ ମଧୁଶାସନ କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋତରା ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୮ ୱିକେଟ୍ ବିନିମୟରେ ୧୨୭ ରନ୍ ସଂଗ୍ରହ କରିଥିବା ବେଳେ ମଧୁଶାସନ ଟିମ ମାତ୍ର ୭ ଓଭରରେ ୪ ୱିକେଟ୍ ବିନିମୟରେ ୧୨୯ ରନ୍ ସଂଗ୍ରହ କରି ଉଇନର ଟ୍ରଫି ହାସଲ କରିଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ଅତିଥିଭାବେ ଅସୁରେଶ୍ୱର ସରପଞ୍ଚ ଗୌତମୀ ଦାସ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ଅନନ୍ତ ଦାସ, ହରେକୃଷ୍ଣ ସେଠୀ, ଗୋଲଖଚନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ଖୁଣ୍ଟିଆ, ଜିତେନ୍ ସାହା ଓ ଶ୍ରୀନିବାସ ସ୍ୱାଇଁ ପ୍ରମୁଖ ଯୋଗଦାନ କରି ଉଭୟ ଉଇନର ଓ ରନର୍ସ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଦିବ୍ୟରଞ୍ଜନ ସିଂ, ତପନ ବାରିକ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ସଞ୍ଜୟ ସାହୁ, କେଦାର ଓଝା, ହୃଷିକେଶ ପଣ୍ଡା ଓ ରାମଚନ୍ଦ୍ର ବାରିକ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

## ରକ୍ତଦାତା ନାରାୟଣ ମହାରଣାଙ୍କୁ 'ଜୀବନଦାତା' ସମ୍ମାନ



**କଟକ, ୯।୩(ସମିସ):** ସମାଜସେବା ଏବଂ ୩୦ ଥର ରକ୍ତଦାନ କରି ଉଲ୍ଲେଖନୀୟ ଅବଦାନ ପାଇଁ କଟକ ମହାନଦୀ ବିହାରସ୍ଥିତ 'ଆଶା କିରଣ' ସାମାଜିକ ସେବା ସଂଗଠନ ପକ୍ଷରୁ ରକ୍ତଦାତା ନାରାୟଣ ମହାରଣାଙ୍କୁ ସମ୍ମାନଜନକ 'ଜୀବନ ଦାତା' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ନେତାଜୀ ନଗର କମ୍ୟୁନିଟି ସମ୍ମିଳନୀ କକ୍ଷରେ ସଂଗଠନର ସଭାପତି କୁମାର ପ୍ରଦୀପ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଇତିହାସ ଗବେଷକ ଡକ୍ଟର ବିଦ୍ୟା ଭୂଷଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ଶ୍ରୀ ମହାରଣାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇବା ସହିତ ରକ୍ତଦାନ ଭଳି ମହତ କାର୍ଯ୍ୟକୁ ଯୁବସମାଜ ସର୍ବାଧିକ ପ୍ରାଧାନ୍ୟ ଦେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ସମ୍ମାନିତ ଅତିଥି ଭାବେ ଏବିଆଇଟି (ଆଇଟିଆଇ) ଅଧ୍ୟକ୍ଷ ଶଶିକାନ୍ତ ଲେଙ୍କା, ନେତାଜୀ ନଗର ଉନ୍ନୟନ ପରିଷଦର ପ୍ରାକ୍ତନ ସମ୍ପାଦକ ସୁବାସ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ କର୍ମଚାରୀ ସଂଘର ବରିଷ୍ଠ ସଦସ୍ୟ ବିଦ୍ୟାଧର ଦାସ, କିରଣ ଦାସ, ଅଧ୍ୟାପକ ଡ. ଦେବେନ୍ଦ୍ର କୁମାର ଓଝା ଏବଂ ସଂଯୋଜିକା ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଆଶା କିରଣର ସମ୍ପାଦକ ରାଜୀବ ସ୍ୱାଇଁ ଏବଂ ସହସମ୍ପାଦକ ସତ୍ୟବ୍ରତ ପାଣିଗ୍ରାହୀ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସୁଜଳ ସ୍ୱାଇଁ, ନାଜମିନ୍ ସୁଲତାନା, ଅଭିଷେକ ମଲ୍ଲିକ, ଅରୋସ୍ମିତା ଓ ଅମ୍ଳାନ ଗୌରବ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନରେ ସହଯୋଗ କରିଥିଲେ। ସମ୍ପାଦକ ରାଜୀବ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

**ଉଚ୍ଛେଦ ବେଳେ ରଣକ୍ଷେତ୍ର ପାଲଟିଲା ବ୍ରାହ୍ମଣୀ ଗାଁ**

## ତହସିଲଦାର ଓ ସାମ୍ବାଦିକଙ୍କୁ ଆକ୍ରମଣ ଉଦ୍ୟମ; ଥାନାରେ ଅଭିଯୋଗ




**ତ୍ରିଶୂଳିଆ, ୯।୩(ସମିସ):** ବାରଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଣୀ ଗାଁରେ ସରକାରୀ ରାସ୍ତା ଜବରଦଖଲ ଉଚ୍ଛେଦ ସମୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସରକାରୀ କାର୍ଯ୍ୟରେ ବାଧା ଦେବା ସହ ତହସିଲଦାର ଓ ଖବର ସଂଗ୍ରହ କରୁଥିବା ସାମ୍ବାଦିକଙ୍କୁ ଆକ୍ରମଣ ଉଦ୍ୟମ କରାଯାଇଥିବା ନେଇ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୋମବାର ପୂର୍ବାହ୍ନ ୧୧ଟା ସମୟରେ ବାରଙ୍ଗ ତହସିଲଦାର ଡ. ତୁଷାର ଜ୍ୟୋତି ରଞ୍ଜନଙ୍କ ନେତୃତ୍ୱରେ ରାଜସ୍ୱ ଅଧିକାରୀ, ଅମିନ ଏବଂ ପୁଲିସ ବାହିନୀ ବ୍ରାହ୍ମଣୀ ଗାଁରେ ପହଞ୍ଚି ମୁଖ୍ୟରାସ୍ତା କଡ଼ରେ ଥିବା ସରକାରୀ ଜମିର ମାପଚୁପ କରିଥିଲେ। ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବା ମାତ୍ରେ ଗ୍ରାମର ଅନୁରୋଧ ରାଉତଙ୍କ ପତ୍ନୀ ସ୍ୱର୍ଣ୍ଣଲତା ରାଉତ ଓ ପୁତ୍ର ଅଭିନାଶ ରାଉତ ଏହାକୁ ପ୍ରବଳ ବିରୋଧ କରିଥିଲେ। ଉଭୟେ ଅଧିକାରୀମାନଙ୍କ ଉପରକୁ ଢେଲା ପଥର ମାଡ଼ କରିବାରୁ ତହସିଲଦାରଙ୍କ ସମେତ ଅନ୍ୟ କର୍ମଚାରୀମାନେ ଜୀବନ ବଞ୍ଚାଇବାକୁ ଏଣେତେଣେ ଦୌଡ଼ିଥିଲେ। ଏହି ସମୟରେ ଘଟଣାସ୍ଥଳରେ ଖବର ସଂଗ୍ରହ କରୁଥିବା ସାମ୍ବାଦିକମାନଙ୍କୁ ମଧ୍ୟ ଅଭିଯୁକ୍ତମାନେ ଆକ୍ରମଣ କରିବାକୁ ଉଦ୍ୟମ କରିବା ସହ ସେମାନଙ୍କ ଭିଡିଓ ରେକର୍ଡିଂ ବନ୍ଦ କରିବାକୁ ଧମକ ଦେଇଥିଲେ। ଏହି ହିଂସାକାଣ୍ଡକୁ ନେଇ ତହସିଲଦାର ଏବଂ ସାମ୍ବାଦିକଙ୍କ ପକ୍ଷରୁ ପୃଥକ ପୃଥକ ଭାବେ ବାରଙ୍ଗ ଥାନାରେ ଏତଲା ଦିଆଯାଇଛି। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

**ରେଭେନ୍ସାରେ ଜାତୀୟ ଆଲୋଚନାଚକ୍ର**

## ଶିକ୍ଷାଗତ ଗବେଷଣାର ପ୍ରଣାଳୀଗତ ସମସ୍ୟା ଉପରେ ଗୁରୁତ୍ୱ




**କଟକ, ୯।୩(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାଜଶାସ୍ତ୍ର ବିଭାଗ ପକ୍ଷରୁ "ନିଷ୍ପକ୍ଷତା ଓ ପ୍ରତିଫଳନଶୀଳତା ମଧ୍ୟରେ ଶିକ୍ଷାଗତ ଗବେଷଣାର ପ୍ରଣାଳୀଗତ ସମସ୍ୟା" ବିଷୟବସ୍ତୁକୁ ନେଇ ଏକ ଜାତୀୟ ଆଲୋଚନା ଚକ୍ର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ସମାଜଶାସ୍ତ୍ରୀ ଡ. ଅମ୍ରିତା ଶାସ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧୁନିକ ଗବେଷଣା ପଦ୍ଧତିରେ ଗବେଷକଙ୍କ ଭୂମିକା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଗବେଷଣା କ୍ଷେତ୍ରରେ ନିଷ୍ପକ୍ଷତା ବଜାୟ ରଖିବା ସହିତ ପ୍ରତିଫଳନଶୀଳତାର ସଠିକ୍ ବ୍ୟବହାର କିଭଳି ଜ୍ଞାନର ଗଭୀରତାକୁ ବୃଦ୍ଧି କରେ, ସେ ସମ୍ପର୍କରେ ସେ ଗବେଷକମାନଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ପ୍ରଫେସର ବିକ୍ରମ କେଶରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ମନୋରଞ୍ଜନ ଦାସ ଏବଂ ଡ. ଈଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଆଲୋଚନା ଚକ୍ରରେ ଅନେକ ଅଧ୍ୟାପକ, ଗବେଷକ ଏବଂ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରି ଗବେଷଣା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ କରିଥିଲେ, ଯାହାର ତାତ୍ତ୍ୱିକ ସମାଧାନ ଡ. ଶାସ୍ତ୍ରୀ ରଖିଥିଲେ। ଏହି ଜାତୀୟ ଆଲୋଚନା ଚକ୍ରରେ ସମାଜ ବିଜ୍ଞାନ ବିଭାଗର ଡ. ଜେମ୍ସ କିଣ୍ଡୋ, ଡ. ଜ୍ଞାନରଞ୍ଜନ ପୃଷ୍ଟି, ଚିନ୍ମୟୀ ମହଲଙ୍କ ସମେତ ମନୋବିଜ୍ଞାନ ବିଭାଗର ଅଧ୍ୟାପକ ରାଜା କିଶୋର ପୃଷ୍ଟି ଏବଂ ହିନ୍ଦୀ ବିଭାଗର ପ୍ରଫେସର ଅଭିଷେକ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡ. ମନୋସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶିକ୍ଷାଗତ ଗବେଷଣା କ୍ଷେତ୍ରରେ ଏଭଳି କାର୍ଯ୍ୟକ୍ରମ ନୂତନ ଚିନ୍ତାଧାରା ଓ ପଦ୍ଧତି ସୃଷ୍ଟି କରିବାରେ ସହାୟକ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ୧୩ରେ ରାଜ୍ୟ ମହିଳା ଆୟୋଗଙ୍କ ଜନଶୁଣାଣି

**କଟକ, ୯।୩(ସମିସ):** ମହିଳାମାନଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି ନିମନ୍ତେ ଆସନ୍ତା ମାର୍ଚ୍ଚ ୧୩ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ନେତାଜୀ ସଂସ୍କୃତି ଭବନ ଠାରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କଟକ ଓ ଜଗତସିଂହପୁରର ମହିଳା ଅଭିଯୋଗକାରୀ ଅଂଶଗ୍ରହଣ କରିପାରିବେ। ମହିଳାଙ୍କ ଘରୋଇ ହିଂସା, ନିର୍ଯାତନା, ଯୌତୁକ, ସମ୍ପତ୍ତି ବିବାଦ, କାର୍ଯ୍ୟସ୍ଥଳରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ, ମହିଳା ଅଧିକାର ଉଲଙ୍ଘନ ଏବଂ ମହିଳା କଲ୍ୟାଣ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡିତ ଅଭିଯୋଗର ଶୁଣାଣି ଏହି ଜନଶୁଣାଣି କାର୍ଯ୍ୟକ୍ରମରେ କରାଯିବ। ମାମଲାଗୁଡ଼ିକର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାଙ୍କୁ ଏକ ନିଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଜାତୀୟ ମହିଳା ଆୟୋଗ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏହି ଜନଶୁଣାଣି ଅନୁଷ୍ଠିତ ହେଉଛି। ଅଭିଯୋଗଗୁଡ଼ିକର ସମାଧାନ ଚାହୁଁଥିବା ସମସ୍ତ ଅଭିଯୋଗକାରିଣୀ ପକ୍ଷମାନଙ୍କୁ ଉକ୍ତ

**ଭାଗ ନେବେ କଟକ ଓ ଜଗତସିଂହପୁରର ମହିଳା**

ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ମାମଲା ଉପସ୍ଥାପନ ସହ ଆୟୋଗ ତରଫରୁ ନ୍ୟାୟ ପ୍ରଦାନ କାର୍ଯ୍ୟକ୍ରମର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଆୟୋଗଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଯଦି କୌଣସି ପୀଡିତା ନୂତନ ଅଭିଯୋଗ ପଞ୍ଜୀକରଣ କରିବାକୁ ଚାହାନ୍ତି, ତେବେ ସେ ଉକ୍ତ ଜନଶୁଣାଣିରେ ଉପସ୍ଥିତ ରହି ଦରଖାସ୍ତ ପ୍ରଦାନ କରିପାରିବେ।

## ଅଟଳ ସେନା ମହିଳା ସଂଘ ପକ୍ଷରୁ ମହିଳା ଦିବସ



**ସାଲେପୁର, ୯।୩(ସମିସ):** ଅଟଳ ସେନା ମହିଳା ସଂଘ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅଟଳ ମହିଳା ସଂଘର ସାଲେପୁର ମଣ୍ଡଳ ସଭାନେତ୍ରୀ ବିଦ୍ୟୁଲତା ମନ୍ତ୍ରୀଙ୍କ ସଭାପତିତ୍ୱରେ ସାଲେପୁର ବ୍ଲକ ରଟିଲୋ ଗ୍ରାମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାରୀ ଶକ୍ତି-ରାଷ୍ଟ୍ର ଶକ୍ତି ଶୀର୍ଷକ ଏକ ଆଲୋଚନାଚକ୍ର ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଇଂ ଆରାଧନା ପଣ୍ଡା ଯୋଗଦେଇଥିଲେ। ମହିଳା ସଂଘ ସମ୍ପାଦିକା ମିନତୀ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଟଳ ସେନାର ପ୍ରତିଷ୍ଠାତା ସଭ୍ୟ ହେମନ୍ତ ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କୁନ୍ତଳା ସାହୁ, ଟୁନିବାଳା ସାହୁ, ସଞ୍ଜୁଲତା ପୃଷ୍ଟି, ସ୍ୱର୍ଣ୍ଣଲତା ମନ୍ତ୍ରୀ ଓ ଲିପ୍ସାରାଣୀ ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଟଳ ଯୁବ ସଂଘର ସମ୍ପାଦକ କିରଣ ଭୂୟାଁ, ବିଜୟିନୀ ନାୟକ, ମିନତୀ ନାୟକ, ଅରୁନ୍ଧତୀ ଲେଙ୍କା, ସସ୍ମିତା ବେହେରା, ମମତା ବେହେରା, ଅହଲ୍ୟା ରାଉଳ ଅଂଶଗ୍ରହଣ କରିଥିବାବେଳେ ହରେକୃଷ୍ଣ ସାମଲ, ହରିହର ବେହେରା, କେଶବ ଚନ୍ଦ୍ର ସେଠୀ, ମୋତିଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜୟନ୍ତୀ ସାହୁ ଧନ୍ୟବାଦ ଦେଇଥିଲେ।

**ହାତୀପଲଙ୍କ ଦୌରାତ୍ମ୍ୟ ନେଇ କାଇଁତରାରେ ଗ୍ରାମସଭା**

# ସୁରକ୍ଷା ପାଇଁ ୨୨ କିମି ସୌର ତାରବାଡ଼ ନିର୍ମାଣ ନିଷ୍ପତ୍ତି

**ନରସିଂହପୁର, ୯।୩(ସମିସ)**

ନରସିଂହପୁର ବ୍ଲକ ଅନ୍ତର୍ଗତ କମଳାଡିହ ପଞ୍ଚାୟତର କାଇଁତରା ଗ୍ରାମରେ ହାତୀପଲଙ୍କ ଆତଙ୍କ ବୃଦ୍ଧି ପାଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କିଛିଦିନ ତଳେ ଗ୍ରାମର କିଛି ଛାତ୍ରଛାତ୍ରୀ ଓ ଅଭିଭାବକ ହାତୀ ଆକ୍ରମଣର ଶିକାର ହୋଇ ଆହତ ହୋଇଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜିତ ହୋଇଯାଇଛି। ଏହି ବୈଠକରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଏବଂ ଜିଲ୍ଲା ବନ ଅଧିକାରୀ ଲିଙ୍ଗରାଜ ଭୋଇ ଯୋଗଦେଇ ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଗ୍ରାମ ଚାରିପଟେ ଟ୍ରେଞ୍ଚ୍ ଖୋଳିବା ସହ ସୋଲାର ଲାଇଟ୍ ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ, ପ୍ରାୟ ୨୨ କିଲୋମିଟର ପର୍ଯ୍ୟନ୍ତ ବ୍ୟାଟେରୀ ଚାଳିତ ସୌର ତାରବାଡ଼ ନିର୍ମାଣ କରାଯିବ ବୋଲି ସାତକୋଶିଆ ରେଞ୍ଜ ଅଧିକାରୀ ଶ୍ରୀ ଭୋଇ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ଶ୍ରୀ ଦଳବେହେରା ହାତୀ ଆକ୍ରମଣରେ ଆହତ ହୋଇଥିବା ପିଲା ଓ ସେମାନଙ୍କ ପରିବାରବର୍ଗଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ବନ ବିଭାଗ ଓ ପ୍ରଶାସନ ମିଳିତ ଭାବେ ହାତୀ-ମଣିଷ ଲଢ଼େଇ ରୋକିବା ପାଇଁ ପଦକ୍ଷେପ ନେବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ବନ ବିଭାଗର ଏହି ନିଷ୍ପତ୍ତି ପରେ ଗ୍ରାମବାସୀ ଆଶ୍ୱସ୍ତ ହୋଇଥିବା ଜଣାପଡ଼ିଛି।



